
# ସର୍ବହରା କ୍ରାନ୍ତି

● ସୋସାଲିଷ୍ଟ ୟୁନିଟି ସେଣ୍ଟର ଅଫ୍ ଇଣ୍ଡିଆ(କମ୍ୟୁନିଷ୍ଟ) ● ଓଡ଼ିଆ ମୁଖପତ୍ର - ପାକ୍ଷିକ ● ପୂର୍ବତନ ମୁଖ୍ୟ ସମ୍ପାଦକ- କମ୍ରେଡ୍ ତାପସ ଦତ୍ତ ● ଅନ୍‌ଲାଇନ୍ ସଂସ୍କରଣ ●

VOL NO.- 05, ISSUE NO.- 06, DATE : 15.05.2021-31.05.2021, FORTNIGHTLY (ODIA), BHUBANESWAR. ELECTRONIC VERSION PAGES-8

## ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) କେନ୍ଦ୍ରୀୟ କମିଟି ଓ ପଲିଟିବ୍ୟୁରୋ ସଦସ୍ୟ କମ୍ରେଡ ଶଙ୍କର ସାହାଙ୍କ ମୃତ୍ୟୁରେ ଶୋକବର୍ତ୍ତା



ପ୍ରିୟ କମ୍ରେଡ,

ଗଭୀର ବେଦନାର ସହିତ ଆମେ ଜଣାଇ ଦେଉଛୁ ଯେ, ଆମର ପ୍ରିୟ ଦଳ ଏସ୍.ୟୁ.ସିଆଇ(କମ୍ୟୁନିଷ୍ଟ)ର କେନ୍ଦ୍ରୀୟ କମିଟିର ପଲିଟ୍‌ବ୍ୟୁରୋ ସଦସ୍ୟ, ଏଆଇୟୁଟିୟୁସିର ସର୍ବଭାରତୀୟ ସଭାପତି ତଥା ଦେଶର ଜଣେ ଅତ୍ୟନ୍ତ ବରିଷ୍ଠ ଟ୍ରେଡୟୁନିୟନ ନେତା କମ୍ରେଡ ଶଙ୍କର ସାହା ଆଜି ମଇ ୩୧ ସକାଳ ୮.୩୦ ସମୟରେ ୮୧ ବର୍ଷ ବୟସରେ ମୃତ୍ୟୁବରଣ କରିଛନ୍ତି ।

ପ୍ରବଳ ଜ୍ୱରନେଇ କମ୍ରେଡ୍ ଶଙ୍କର ସାହା ଏପ୍ରିଲ ମାସ ୧୨ତାରିଖରେ କାଲକାଟା ହାର୍ଟ କ୍ଲିନିକ୍ ଓ ହସପିଟାଲରେ ଭର୍ତ୍ତି ହୋଇଥିଲେ ଏବଂ ଆବଶ୍ୟକ ପରୀକ୍ଷା କରିଯିବାପରେ ତାଙ୍କୁ କୋଭିଡ୍୧୯ ସଂକ୍ରମଣ ହୋଇଥିବା ଜଣାପଡିଥିଲା । ପ୍ରଥମ ଅବସ୍ଥାରେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ସାମାନ୍ୟ ସ୍ଥିର ଥିଲେ ମଧ ପରବର୍ତ୍ତି ସମୟରେ ସେ ଖୁବ୍ କ୍ଲାନ୍ତ ଅନୁଭବ ଅନୁଭବ କରୁଥିଲେ ଏବଂ ନିମୋନିଆ ଦ୍ୱାରା ଆକ୍ରାନ୍ତ ହୋଇଥିଲେ । ଏପ୍ରିଲ ୨୭ତାରିଖରେ ତାଙ୍କୁ ଭେଣ୍ଟିଲେଟରରେ ରଖିବାକୁ ପଡିଥିଲା ।


ଦୀର୍ଘଦିନ ଧରି କୋଭିଡ୍-୧୯ ଚିକିତ୍ସା ପରେ ମଇ ୮ତାରିଖରେ ସେ କୋଭିଡ-୧୯ ସଂକ୍ରମଣ ମୁକ୍ତ ହୋଇଥିବା ଜଣାପଡିଥିଲା । ମାତ୍ର ତାଙ୍କର କିଡନୀରେ ସମସ୍ୟା ଦେଖାଦେଇଥିଲା ଏବଂ ମଝିରେ ମଝିରେ ଡାୟଲିସିସ୍‌ରେ ରଖିବାକୁ ପଡୁଥିଲା । ଏହିଭଳି ଭାବରେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହୋଇପଡିଥିଲା । ଡାକ୍ତର, ନର୍ସ ଓ ଅନ୍ୟାନ୍ୟ ମେଡିକାଲ କର୍ମଚାରୀମାନଙ୍କର ସମସ୍ତ ଉଦ୍ୟମ ସତ୍ତ୍ୱେ କମ୍ରେଡ ସାହାଙ୍କ ଜୀବନ ରକ୍ଷା କରାଯାଇ ପାରିଲା ନାହିଁ ।

ତାଙ୍କ ମୃତ୍ୟୁରେ ପାର୍ଟି ତଥା ଶ୍ରମିକଶ୍ରେଣୀ ଆନ୍ଦୋଳନର ଗୁରୁତର କ୍ଷତି ସାଧନ ହେଲା । ତାଙ୍କ ବିପ୍ଲବୀ ଜୀବନ ଏବଂ ସଂଗ୍ରାମକୁ ସମ୍ମାନ ଜଣାଇବାପାଇଁ ପାର୍ଟି ପକ୍ଷରୁ ତିନିଦିନ ଶୋକ ପାଳନ କରାଯିବ । ଏହି ଶୋକପାଳନ ସମୟରେ ଦେଶର ସମସ୍ତ ପାର୍ଟି କାର୍ଯ୍ୟାଳୟରେ ରକ୍ତପତାକା ଅର୍ଦ୍ଧନମିତ ରହିବ ଏବଂ ସମସ୍ତ କମ୍ରେଡ ମଇ ୩୧ରୁ ଜୁନ୨ତାରିଖ ପର୍ଯ୍ୟନ୍ତ କଳାବ୍ୟାଚ୍ ପରିଧାନ କରିବେ ।

**କମ୍ରେଡ୍ ଶଙ୍କର ସାହା ଲାଲ ସଲାମ୍**

ସ୍ୱପନ ଘୋଷ
ଅଫିସ ସଂପାଦକ

## କମ୍ରେଡ୍ କ୍ରିଷ୍ଣ ଚକ୍ରବର୍ତ୍ତି ଆଉ ନାହାନ୍ତି



ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟି)ର ପୂର୍ବତନ କେନ୍ଦ୍ରୀୟ କମିଟି ଓ ପଲିଟ୍‌ବ୍ୟୁରୋ ସଦସ୍ୟ ଏବଂ ଏଆଇୟୁଟିୟୁସିର ପୂର୍ବତନ ସର୍ବଭାରତୀୟ ସଭାପତି କମ୍ରେଡ୍ କ୍ରିଷ୍ଣ ଚକ୍ରବର୍ତ୍ତି ୨୦୨୧ମସିହା ମଇ ୮ ତାରିଖରେ ସକାଳ ୮.୧୦ସମୟରେ କଲିକତା ହାର୍ଟ କ୍ଲିନିକ୍ ଓ ହସପିଟାଲ ଠାରେ ଦୀର୍ଘ ଅସୁସ୍ଥତାପରେ ମୃତ୍ୟୁବରଣ କରିଛନ୍ତି । ମୃତ୍ୟୁବେଳକୁ ତାଙ୍କୁ ୮୭ବର୍ଷ ବୟସ ହୋଇଥିଲା ।

ଦକ୍ଷିଣ କଲିକତାର କାଳିଧନ ଇନଷ୍ଟିଚ୍ୟୁଟର ଛାତ୍ର ଥିଲେବେଳେ ଏବଂ ବିଭିନ୍ନ ସାମାଜିକ-ସାଂସ୍କୃତିକ କାର୍ଯ୍ୟକ୍ରମରେ ସଂଶ୍ଳିଷ୍ଟ ରହିଥିଲା ବେଳେ୧୯୫୦ ଦଶକର ଆଦ୍ୟଭାଗରେ କମ୍ରେଡ୍ ଚକ୍ରବର୍ତ୍ତି କମ୍ରେଡ୍ ପ୍ରଭାସ ଘୋଷଙ୍କ ସଂସ୍ପର୍ଶରେ ଆସିଥିଲେ । ଏହାପରେ ସେ ଧିରେ ଧିରେ କମ୍ରେଡ୍ ଶିବଦାସ

*(ଅବଶିଷ୍ଟାଂଶ ୨ୟ ପୃଷ୍ଠାରେ)*

## କରୋନାର ଦ୍ୱିତୀୟ ଲହର ଓ ଅପରାଧି କେନ୍ଦ୍ର ସରକାର



**ସ**ମଗ୍ର ଦେଶ କରୋନା ମହାମାରୀର ଦ୍ୱିତୀୟ ଲହରର କରାଳ କବଳରେ ପଡିଛି । କରୋନାର ଏହି ଦ୍ୱିତୀୟ ଲହର ପ୍ରଥମ ଲହରଠାରୁ ଆହୁରି ଅଧିକ ମରାତ୍ମକ ଏବଂ ଏହା ପ୍ରଥମ ଲହର ତୁଳନାରେ ଅତ୍ୟନ୍ତୁ ଦ୍ରୁତ ପ୍ରସାରିତ ହେଉଛି । ଫଳରେ ସମଗ୍ର ଦେଶ ଆଜି ଏହାର କବଳରେ କବଳିତ ହୋଇଛି ଏବଂ ପ୍ରତ୍ୟେକ ଦିନ ହଜାର ହଜାର ଲୋକଙ୍କ ଜୀବନ ନେଉଛି । ସରକାରୀ ହିସାବ ଅନୁଯାୟୀ ପ୍ରତ୍ୟେକ ଦିନ ୪/୫ ଲକ୍ଷ ଲୋକ ଆକ୍ରାନ୍ତ ହେଉଛନ୍ତି ଏବଂ ଏହି ସଂଖ୍ୟା ଉଦ୍‌ବେଗଜନକ ଭାବରେ ବଢିଚାଲିଛି । ତେବେ ବାସ୍ତବ ଆକ୍ରାନ୍ତ ଓ ମୃତ ସଂଖ୍ୟା ସରାକରୀ ଆକଳନଠାରୁ ଯଥେଷ୍ଟ ଅଧିକ ବୋଲି ଇତି ମଧ୍ୟରେ ଗଣମାଧମରେ ପ୍ରମାଣ ସହିତ ଉପସ୍ଥାପିତ ହୋଇଛି । ଆମେରିକାର ଏକ ପ୍ରତିଷ୍ଠିତ ଖବର କାଗଜରେ ପ୍ରକାଶିତ ସମ୍ବାଦ ଅନୁଯାୟୀ ଇତି ମଧରେ ଦେଶରେ ୪୨ଲକ୍ଷ ଲୋକ କରୋନାରେ ପ୍ରାଣ ହରାଇଛନ୍ତି । ନଈରେ ଭାସୁଥିବା ଶହ ଶହ ଶବ ଏବଂ ନଦୀକୂଳ ବାଲିରେ ପୋତା ହୋଇଥିବା ହଜାର ହଜାର ମୃତଦେହ ଗୁଡକର ହିସାବ ସରକାରଙ୍କ ଖାତାରେ ନାହିଁ । ସମଗ୍ର ଦେଶରେ ହାହାକାରମୟ ପରିସ୍ଥିତି, ଘରେ ଘରେ କୋଭିଡ୍ ରୋଗୀ ଆଉ ଘରେ ଘରେ ମୃତ୍ୟୁର ବିଭିଷିକା ।

ତେବେ ଦେଶରେ ଯେ କରୋନାର ଦ୍ୱିତୀୟ ଲହର ଆସିବା ଅବଶ୍ୟମ୍ଭାବୀ ସେକଥା ଦେଶର ଶାସକମାନଙ୍କୁ ଅଜଣା ନଥିଲା । ଭାରତ ପୂର୍ବରୁ ପୃଥିବୀର ବହୁଦେଶରେ ଏହି ଦ୍ୱିତୀୟ ଲହର ଆସିଛି ଏବଂ ପ୍ରଥମ ଲହର ତୁଳନାରେ ଅଧିକ ଲୋକଙ୍କ ଜୀବନ ନେଇଛି । ଏହା ମଧ୍ୟ ଲକ୍ଷ୍ୟ କରାଯାଇଛି ଯେ ଯେଉଁଦେଶରେ କରୋନାର ପ୍ରଥମ ଲହର ସାମାନ୍ୟ କମିଯିବାପରେ ସରକାର ଓ ଜନସାଧାରଣ ଆବଶ୍ୟକ ସାବଧାନତା ନେଲେନାହିଁ ଏବଂ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ କରଣୀୟ ନିର୍ଦ୍ଦେଶାବଳୀ ମାନିଲେ ନାହିଁ ଏବଂ ଢିଲା ଢାଲା ମନୋଭାବ ପୋଷଣ କଲେ ସେହି ସମସ୍ତ ଦେଶରେ ଦ୍ୱିତୀୟ ଲହର ଅତ୍ୟନ୍ତ ମାରାତ୍ମକ ପ୍ରମାଣିତ ହୋଇଛି । ଇତି ମଧରେ କରୋନାପାଇଁ କେତେଗୁଡିଏ ଟୀକା ବାହାରିଛି । ମାତ୍ର ଏହି ଟୀକା ସାଧାରଣ ଲୋକଙ୍କପାଇଁ ଆବଶ୍ୟକ ସଂଖ୍ୟାରେ ଉପଲବ୍ଧ ହେଉନାହିଁ, ବିଶେଷକରି କୋଟି କୋଟି ଦରିଦ୍ର ଓ ସମାଜର ବଂଚିତ ଅବହେଳିତ ବର୍ଗର ଲୋକମାନେ ଏଥିରୁ ବଂଚିତ ହେଉଛନ୍ତି । ଏହାର କାରଣ ହେଉଛି ଟୀକାର ଅଭାବ ଏବଂ ଏହାର ଚଢାଦାମ । ଆବଶ୍ୟକତା ତୁଳନାରେ ଟୀକା ଉତ୍ପାଦନ ଯଥେଷ୍ଟ

*(ଅବଶିଷ୍ଟାଂଶ ୨ୟ ପୃଷ୍ଠାରେ)*

## କମ୍ରେଡ୍ କ୍ରିଷ୍ଣ ଚକ୍ରବର୍ତ୍ତି ....

*ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ*

ଘୋଷଙ୍କ ଚିନ୍ତା ଶିକ୍ଷା ଓ ଏସ୍.ୟୁ.ସି.ଆଇ(ସି) କମ୍ୟୁନିଷ୍ଟ ପାର୍ଟି ପ୍ରତି ଆକର୍ଷିତ ହୋଇଥିଲେ ଏବଂ ପାର୍ଟି ସହିତ ଘନିଷ୍ଟ ହୋଇଥିଲେ । ଏହାପରେ ସେ କମ୍ରେଡ୍ ଶିବାଦସ ଘୋଷଙ୍କୁ ସାକ୍ଷାତ କରିଥରଲେ । ଏହି ସାକ୍ଷାତ ତାଙ୍କ ମନରେ ଅଲିଭା ଦାଗ ସୃଷ୍ଟି କରିଥିଲା ଏବଂ ଏହା ସେ ପାର୍ଟିରେ ଯୋଗଦେବାକୁ ନିଷ୍ପତ୍ତି କରିଥିଲେ । ଏହାପରେ ସେ ମାର୍କ୍ସବାଦ-ଲେନିନବାଦ-କମ୍ରେଡ୍ ଶିବଦାସ ଘୋଷଙ୍କ ଚିନ୍ତା ଶିକ୍ଷାର ପ୍ରାଣସତ୍ତାକୁ ହୃଦୟଙ୍ଗମ କରିବା ଏବଂ ନିଜକୁ ଜଣେ ପ୍ରକୃତ ବିପ୍ଳବୀ ଭାବରେ ଗଢିତୋଳିବାପାଇଁ ସଂଗ୍ରାମ ଆରମ୍ଭ କଲେ । ୧୯୫୪ ମସିହାରେ ଡିଏସ୍‌ଓର ପ୍ରତିଷ୍ଠା ଉପଲକ୍ଷେ ଅନୁଷ୍ଠିତ ସର୍ବଭାରତୀୟ କନ୍‌ଭେନ୍‌ସନରେ କମ୍ରେଡ୍ ପ୍ରଭାସ ଘୋଷ ସାଧାରଣ ସଂପାଦକ ଭାବରେ ନିର୍ବାଚିତ ହୋଇଥିଲାବେଳେ କମ୍ରେଡ୍ କ୍ରିଷ୍ଣ ଚକ୍ରବର୍ତ୍ତି ଅନ୍ୟତମ ଯୁଗ୍ମ ସହସଂପାଦକ ଭାବରେ ନିର୍ବାଚିତ ହୋଇଥିଲେ ଏବଂ ଛାତ୍ର ଆନ୍ଦୋଳନ ଗଢିତୋଳିବାପାଇଁ ନିଜକୁ ସଂପୂର୍ଣ୍ଣ ନିୟୋଜିତ କରିଥିଲେ । ପରେ ତାଙ୍କର ପରିବାର ଦକ୍ଷିଣ କଲିକତାରୁ ଉତ୍ତର କଲିକତାର ଦମ୍‌ଦମ୍ ଅଞ୍ଚଳକୁ ଆସିବାପରେ ସେ ସେଠାରେ ପାର୍ଟି ଶାଖା ପ୍ରତିଷ୍ଠା କରିବା ଆରମ୍ଭ କରିଥିଲେ । ଏହାପରେ ୧୯୬୦ ଦଶକରେ ମଧ୍ୟ ଭାଗରେ ସେ ଡିଏସଓ ପଶ୍ଚିମବଙ୍ଗ ଶାଖାର ରାଜ୍ୟ ସଂପାଦକ ଭାବରେ ନିର୍ବାଚିତ ହୋଇଥିଲେ । ୧୯୬୮ ମସିହାରେ ଦିଲ୍ଲୀରେ ପାର୍ଟି ସଂଗଠନର ବିସ୍ତାର ପାଇଁ ଉଦ୍ୟମ କରିବାପାଇଁ ତାଙ୍କୁ ସେଠାକୁ ପଠାଯାଇଥିଲା ।

ଏହାପରେ ୧୯୬୯ ମସିହାରେ ଜଣେ ଯୋଗାଯୋଗଙ୍କ ଜରିଆରେ କେରଳରେ ପାର୍ଟି ସଂଗଠନ ଗଢିତୋଳିବାପାଇଁ ତାଙ୍କୁ ପାର୍ଟି ନେତୃତ୍ୱ ତରଫରୁ କେରଳ ପଠାଯାଇଥିଲା । ଏହାପରେ କେବଳ କେରଳ ନୁହେଁ ସମଗ୍ର ଦକ୍ଷିଣ ଭାରତରେ ପାର୍ଟି ସଂଗଠନ ଗଢିବାପାଇଁ କମ୍ରେଡ୍ ଚକ୍ରବର୍ତ୍ତିଙ୍କୁ ଦାୟୀତ୍ୱ ଦିଆଯାଇଥିଲା । ସମଗ୍ର ଦକ୍ଷିଣ ଭାରତରେ ପାର୍ଟିର ବିସ୍ତାର ବହୁଦୂର ପର୍ଯ୍ୟନ୍ତ ତାଙ୍କର କଷ୍ଟସାଧ୍ୟ ସଂଗ୍ରାମ ଯୋଗୁ ସମ୍ଭବ ହୋଇ ପାରିଥିଲା । ଏହା କରିବାକୁ ଯାଇ ସେ ଭଲ ସଂଖ୍ୟକ କର୍ମୀ ରିକ୍ରୁଟ୍ କରିଥିଲେ, ଯେଉଁମାନେକି ପାର୍ଟି ସଂଗଠନ ଗଢିତୋଳିବାପାଇଁ ଅତୀତରେ ଓ ବର୍ତ୍ତମାନ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ପାଳନ କରୁଛନ୍ତି । ପରବର୍ତ୍ତି ସମୟରେ ପାର୍ଟିର ପରାମର୍ଶ ଅନୁଯାୟୀ ସେ ପଶ୍ଚିମ ଭାରତର କେତେକ ରାଜ୍ୟରେ ପାର୍ଟି ସଂଗଠନ ଦେଖାଶୁଣା କରିଥିଲେ । ୨୦୦୯ମିସହାରେ ଦିଲ୍ଲୀଠାରେ ଅନୁଷ୍ଠିତ ଦ୍ୱିତୀୟ ପାର୍ଟି କଂଗ୍ରେସ ସମେତ ୨୦୧୨ମାର୍ଚ୍ଚ ମାସରେ ଅନୁଷ୍ଠିତ ଐତିହାସିକ ଦିଲ୍ଲୀ ମାର୍ଚ୍ଚ ସଂଗଠିତ କରିବା କ୍ଷେତ୍ରରେ ସେ ମୁଖ୍ୟ ଭୂମିକା ପାଳନ କରିଥିଲେ ।

୧୯୮୮ ମସିହାରେ କଲିକତାଠାରେ ଅନୁଷ୍ଠିତ ପ୍ରଥମ ପାର୍ଟି କଂଗ୍ରେସରେ କମ୍ରେଡ୍ କ୍ରିଷ୍ଣ ଚକ୍ରବର୍ତ୍ତି କେନ୍ଦ୍ରୀୟ କମିଟିର ସଦସ୍ୟ ଭାବରେ ନିର୍ବାଚିତ ହୋଇଥିଲେ । ୨୦୦୮ ମାର୍ଚ୍ଚ ମାସରେ ଅନୁଷ୍ଠିତ ଏଆଇୟୁଟିୟୁସିର ୧୯ତମ ସର୍ବଭାରତୀୟ ସମ୍ମିଳନୀରେ ସେ ସଂଗଠନର ସଭାପତି ଭାବରେ ନିର୍ବାଚିତ ହୋଇଥିଲେ । ଦ୍ୱିତୀୟ ପାର୍ଟି କଂଗ୍ରେସ ପରେ ତାଙ୍କୁ ପାର୍ଟିର ପଲିଟ୍‌ବ୍ୟୁରୋରେ ସ୍ଥାନିତ କରାଯାଇଥିଲା । ୨୦୧୮ ମସିହା ଫେବୃୟାରୀ ମାସ ପର୍ଯ୍ୟନ୍ତ ସେ ପଲିଟ୍‌ବ୍ୟୁରୋ ଓ କେନ୍ଦ୍ରୀୟ କମିଟି ସଭ୍ୟ ଭାବରେ ରହିଥିଲେ ।

୨୦୧୪ ଅକ୍ଟୋବର ମାସରେ କମ୍ରେଡ୍ କ୍ରିଷ୍ଣ ଚକ୍ରବର୍ତ୍ତି ଶ୍ୱାସପ୍ରଶ୍ୱାସ ଜନିତ ଗୁରୁତର ସମସ୍ୟା ଓ ଶ୍ୱାସନଳୀର ନିମ୍ନଭାଗରେ ସଂକ୍ରମଣରେ ପୀଡିତ ହୋଇ ବେଙ୍ଗାଲୁରୁର ସେଣ୍ଟ ମାର୍ଥା ହସପିଟାଲରେ ଭର୍ତ୍ତି ହୋଇଥିଲେ । ତାଙ୍କର ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ କମ୍ରେଡ୍ ପ୍ରଭାଷ ଘୋଷ ପରିସ୍ଥିତିର ଆକଳନ କରିବାପାଇଁ ଗୋଟିଏ ଡାକ୍ତରୀ ଦଳକୁ ବେଙ୍ଗାଲୁରୁ ପଠାଇଥିଲେ । ତାଙ୍କର ଗୁରୁତର ଅବସ୍ଥା ସଂପର୍କରେ ଡାକ୍ତରୀ ଦଳଠାରୁ ଜାଣିବାପରେ ଆହୁରି ଉତ୍ତମ ଚିକିତ୍ସାପାଇଁ କମ୍ରେଡ୍ ପ୍ରଭାସ ଘୋଷ ତାଙ୍କୁ ଏୟାର ଆମ୍ବୁଲାନ୍ସରେ କଲିକତା ଆଣିବାପାଇଁ ଡାକ୍ତରୀ ଟିମ୍‌କୁ ନିର୍ଦ୍ଦେଶ ଦେଇଥିଲେ । ସେହି ଅନୁଯାୟୀ କମ୍ରେଡ୍ କ୍ରିଷ୍ଣ ଚକ୍ରବର୍ତ୍ତିଙ୍କୁ କଲିକତା ଅଣାଯାଇଥିଲା ଏବଂ କାଲକାଟା ହାର୍ଟ କ୍ଲିନିକ ଓ ହାସପାତାଳରେ ଭର୍ତ୍ତି କରାଯାଇଥିଲା । ସେଠାରେ ତାଙ୍କର ହୃଦଯନ୍ତ୍ରରେ ଗୁରୁତର ସମସ୍ୟା ଓ ଫୁସ୍‌ଫୁସର ମାରାତ୍ମକ ସଂକ୍ରମଣ ରହିଥିବା ବିଷୟ ଜଣାପଡିଲା । ଜରୁରୀକାଳୀନ ହସ୍ତକ୍ଷେପ କରି ତାଙ୍କ ହୃତପିଣ୍ଡର ଅନ୍ୟତମ ମୁଖ୍ୟ ଧମନୀରେ ଜମାଟ ବାନ୍ଧିଥିବା ରକ୍ତକୁ ବାହାର କରିଦିଆଗଲା ପରେ ସେ ଅପେକ୍ଷାକୃତ ଭାବରେ ସୁସ୍ଥହେଲେ ଏବଂ ସଂକଟକୁ ଅତିକ୍ରମ କଲେ । ମାତ୍ର ସେବେଠାରୁ ସେ ଆଉ ତାଙ୍କର ପୂର୍ବ ସ୍ୱାସ୍ଥ୍ୟ ଫେରିପାରିଲେ ନାହିଁ ଏବଂ ତାଙ୍କୁ କଲିକତାଠାରେ ସ୍ଥାୟୀଭାବରେ ଗୋଟିଏ ବିଖ୍ୟାତ ଡାକ୍ତରୀ ଦଳର ଚିକିତ୍ସାରେ ରଖିବାକୁ ପଡିଲା । ତାଙ୍କୁ ବାରମ୍ବାର ହାସପାତାଳରେ ଭର୍ତ୍ତି କରିବାକୁ ପଡୁଥିଲା ଏବଂ ତାଙ୍କର ଅବସ୍ଥା ପ୍ରାୟ ସଂକଟଜନକ ହୋଇପଡୁଥିଲା । ସଂପ୍ରତି ତାଙ୍କୁ ଗୁରୁତର ଶ୍ୱାସ କଷ୍ଟ ହେବାରୁ ତାଙ୍କୁ ମାର୍ଚ୍ଚ ୧ ତାରିଖରେ କାଲକାଟା ହାର୍ଟ କ୍ଲିନିକ ଓ ହାସପାତଳରେ ଭର୍ତ୍ତି କରାଯାଇଥିଲା । ସେ ଯକୃତ ଓ ଫୁସ୍‌ଫୁସ ରୋଗରେ ଆକ୍ରାନ୍ତ ହୋଇଥିବା ଡାକ୍ତରମାନେ ଧରିପାରିଥିଲେ ଏବଂ ଏହାଫଳରେ ତାଙ୍କର ମୃତ୍ୟୁ ଘଟିଲା ।

କମ୍ରେଡ୍ କ୍ରିଷ୍ଣ ଚକ୍ରବର୍ତ୍ତି ଲାଲ ସଲାମ

## କରୋନାର ଦ୍ୱିତୀୟ ଲହର....

*ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ*



କମ ହେଉଥିବାରୁ ଏବଂ କମ୍ପାନୀ ଓ ସରକାରଙ୍କର ଲାଭଖୋର ମନୋବୃତ୍ତି ପାଇଁ ଏହି ପରିସ୍ଥିତି ସୃଷ୍ଟି ହୋଇଛି । ଆହୁରିମଧ୍ୟ, ଏହି ଟିକା ଘରୋଇ ଫାର୍ମା କମ୍ପାନୀମାନେ ପ୍ରସ୍ତୁତ କରୁଛନ୍ତି ଏବଂ ଏହି କମ୍ପାନୀମାନଙ୍କର ମୂଳ ଲକ୍ଷ୍ୟ ହେଉଛି ଯେକୌଣସି ଉପାୟରେ ସର୍ବୋଚ୍ଚ ମୁନାଫା ଅର୍ଜନ । ଏହି ପରିସ୍ଥିତିରେ ଯଥେଷ୍ଟ ସଂଖ୍ୟକ ଟୀକା ଉତ୍ପାଦନ କରିବା ଏବଂ କାଳବିଳମ୍ବ ନକରି ସମସ୍ତ ନାଗରିକ ମାନଙ୍କପାଇଁ ଏହି ଟୀକା ଉପଲବ୍ଧ କରାଇବା ଆମ ଦେଶ ସମେତ ପୃଥିବୀର ସମସ୍ତ ସରକାରମାନଙ୍କର ଦାୟିତ୍ୱ । ସମଗ୍ର ମାନବଜାତି ଏହି ଧରଣର ସ୍ୱାସ୍ଥ୍ୟ ସଂକଟର ସମ୍ମୁଖୀନ ହୋଇଥିଲାବେଳେ କୌଣସି ସଭ୍ୟ ସରକାର କଦାପି ଏହି ଦାୟିତ୍ୱ ଅସ୍ୱୀକାର କରିପାରିବନାହିଁ । ଏହାବ୍ୟତୀତ ଯେକୌଣସି ସଭ୍ୟ ସରକାରର ବର୍ତ୍ତମାନର ପ୍ରାଥମିକତା ହେଉଛି ଅଧିକ ସଂଖ୍ୟକ ହାସପାତାଳ ନିର୍ମାଣ କରିବା, ହାସପାତାଳର ଶଯ୍ୟା ସଂଖ୍ୟା ବୃଦ୍ଧିକରିବା, ଆବଶ୍ୟକ ସଂଖ୍ୟକ ଡାକ୍ତର ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟକର୍ମୀଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ ନିଯୁକ୍ତି ଦେବା, ଜରୁରୀ ଔଷଧ, ଜୀବନ ରକ୍ଷାକାରୀ ଅମ୍ଳଜାନ ଓ ଆବଶ୍ୟକ ସଂଖ୍ୟକ ଭେଣ୍ଟିଲେଟର ଉପଲବ୍ଧ କରିବା । ମାତ୍ର ଉପରୋକ୍ତ ମାନଦଣ୍ଡ ଅନୁସାରେ କେନ୍ଦ୍ର ବିଜେପି ଓ ରାଜ୍ୟ ବିଜେଡି ସରକାରର କାର୍ଯ୍ୟକଳାପକୁ ଲକ୍ଷ୍ୟ କଲେ ଏହି ସରକାରମାନଙ୍କୁ ସଭ୍ୟ ସରକାର ବୋଲି କୁହାଯାଇ ପାରିବ ନାହିଁ । ବର୍ତ୍ତମାନ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ହେଉଥିବା ସମ୍ବାଦ ଆମର ଏହି ମତାମତକୁ ପ୍ରମାଣିତ କରିବାପାଇଁ ଯଥେଷ୍ଟ ।

### କରୋନାର ପ୍ରଥମ ଲହର ସମୟରେ ଦେଶର ଭୁଷୁଡି ପଡିଥିବା ସ୍ୱାସ୍ଥ୍ୟ ଭିତ୍ତିଭୂମିର ଚିତ୍ର

ଗତବର୍ଷ କରୋନା ମହାମାରୀ ଆରମ୍ଭ ହେବା ସମୟରେ ଆମ ଦେଶର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଘରୋଇ ଡାକ୍ତଖାନାମାନଙ୍କର ଅଧିପତ୍ୟ ଏବଂ ସ୍ୱାସ୍ଥ୍ୟ ଭିତ୍ତିଭୂମିର କରୁଣ ଅବସ୍ଥା ସାମନାକୁ ଅସିଥିଲା । ଚିକିତ୍ସାପାଇଁ ସାଧାରଣ ଲୋକ ନିର୍ଭର କରୁଥିବା ସମଗ୍ର ଦେଶରେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକ କେବଳ ନାମକୁ ରହିଛି । ଭାରତୀୟ ଜନସ୍ୱାସ୍ଥ୍ୟ ମାନକ(Indian Public Health Standard) ଦୃଷ୍ଟିରୁ ବିଚାରକଲେ ଦେଶର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକ ଆବଶ୍ୟକ ମାନଠାରୁ ଯଥାକ୍ରମେ ଶତକଡା ୮୮ଭାଗ ଓ ୮୭ଭାଗ ନିକୃଷ୍ଟ ଧରଣର ଅବସ୍ଥାରେ ରହିଛି । ଦେଶର ଗ୍ରାମାଞ୍ଚଳରେ ଚିକିତ୍ସା ଯୋଗାଉଥିବା ଏହି ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକର ଅବସ୍ଥା ଏଥିରୁ ସ୍ପଷ୍ଟ ଜାଣିହେବ । ୨୦୧୯ ମସିହାର ଜାତୀୟ ସ୍ୱାସ୍ଥ୍ୟ ସେବାଚିତ୍ର(Profile) ଅନୁଯାୟୀ ଆମଦେଶରେ ପ୍ରତି ୧୦ହଜାର ୯୨୬ଜଣ ଲୋକଙ୍କପାଇଁ ଜଣେ ଡାକ୍ତର ଅଛନ୍ତି । ଦେଶର ୧୩୦କୋଟି ଲୋକଙ୍କପାଇଁ ମାତ୍ର ୨୫,୭୭୫ଟି ସରକାରୀ ହାସପାତାଳ ରହିଛି ଏବଂ ସେଥିରେ ମୋଟ୍ ୭,୧୩,୯୮୬ଟି ଶଯ୍ୟା ରହିଛି । ଗତ ଦୁଇବର୍ଷ ମଧ୍ୟରେ ଏହି ସଂଖ୍ୟାରେ କିଛି ବୃଦ୍ଧି ଘଟିଥିବା ବିଷୟ ସରକାରୀ ଭାବରେ ପ୍ରକାଶ କରାଯାଇନାହିଁ । କେବଳମାତ୍ର ଏହି ହାସପାତାଳ ଓ ଶଯ୍ୟାରୁ କିଛି ଅଂଶକୁ କରୋନା ହାସପାତାଳ ଓ ଶଯ୍ୟା ଭାବରେ ଘୋଷଣା କରାଯାଇଛି । ମହାମାରୀ ଓ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲାପାଇଁ ବଜେଟରେ ବ୍ୟୟବରାଦ କେବେହେଲେ ବର୍ଷକୁ ୧୦୦କୋଟି ଟଙ୍କାରୁ ଅଧିକ ହୋଇନାହିଁ । ପ୍ରକୃତରେ ୨୦୧୬ ପରଠାରୁ ଏବାବଦରେ ବାର୍ଷିକ ୫୦ରୁ ୬୦ କୋଟି ଟଙ୍କାହିଁ ଖର୍ଚ୍ଚ କରାଯାଇଛି । ଆପଦକାଳୀନ ସ୍ୱାସ୍ଥ୍ୟସେବା ସଂକଟର ମୁକାବିଲା ପାଇଁ ପ୍ରସ୍ତୁତି ଓ ଏହାର ପରିଚାଳନା ବାବଦ ଖର୍ଚ୍ଚ ୨୦୧୮-୧୯କେନ୍ଦ୍ରୀୟ ବଜେଟରେ ୨୦୧୬-୧୭ ବଜେଟ ତୁଳନାରେ ଅଧା କରିଦିଆ ଯାଇଥିଲା । ଗତବର୍ଷର ବଜେଟ୍‌ରେ ମଧ୍ୟ ଏହି ଅବସ୍ଥାରେ କୌଣସି ଉନ୍ନତି ଘଟିନାହିଁ । ଏହା ଅତ୍ୟନ୍ତ ସ୍ପଷ୍ଟଯେ ଦେଶର ଦରିଦ୍ରରୁ ଦରିଦ୍ରତମ ଲୋକପାଖରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବାକୁ ହେଲେ ସ୍ୱାସ୍ଥ୍ୟସେବା କ୍ଷେତ୍ରକୁ ଅଧିକରୁ ଅଧିକ ସରକାରୀ ନିୟନ୍ତ୍ରଣକୁ ଅଣାଯିବା ଆବଶ୍ୟକ ଏବଂ ସ୍ୱାସ୍ଥସେବା ଭିତ୍ତିଭୂମିର ଆବଶ୍ୟକ ବିକାଶ ଘଟିବା ଆବଶ୍ୟକ । ଏହା ସହିତି ସ୍ୱାସ୍ଥ୍ୟସେବାର ବ୍ୟବସାୟୀକରଣକୁ ତୁରନ୍ତୁ ବନ୍ଦ କରାଯିବା ଆବଶ୍ୟକ । ମାତ୍ର ବିଜେପି ସରକାର ପ୍ରଚଳନ କରିଥିବା ଜାତୀୟ ସ୍ୱାସ୍ଥ୍ୟନୀତି ୨୦୧୭(National Health Policy - 2017) ବାସ୍ତବରେ ହେଉଛି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସର୍ବାତ୍ମକ ଘରୋଇକରଣର ଏକ ସୁପରିକଳ୍ପିତ ନକ୍ସା । ଗତ କିଛିବର୍ଷ ମଧ୍ୟରେ ଦେଶର ଗଢିଉଠିଥିବା ସ୍ୱାସ୍ଥ୍ୟ ଭିତ୍ତିଭୂମି ମୁଖ୍ୟତଃ ଘରୋଇ ଉଦ୍ୟୋଗରେ କିମ୍ବା ପିପିଇ ବ୍ୟବସ୍ଥାରେ କରାଯାଇଛି । ବର୍ତ୍ତମାନ ସମଗ୍ର ଦେଶରେ ସରକାରୀ ମାଲିକାନାରେ ମାତ୍ର ୩,୫୯୩ଟି ହାସପାତଳ ରହିଥିବାବେଳେ ଘରୋଇ ମାଲିକମାନଙ୍କ ହାତରେ ୧୧,୮୧୦ଟି ହାସପାତାଳ ରହିଛି । ବର୍ତ୍ତମାନ ଦେଶର ମୋଟ ହାସପାତଳ ସଂଖ୍ୟାର ଶତକଡା ୭୬.୬୭ ଭାଗ ଘରୋଇ ମାଲିକାନାରେ ରହିଛି । ଏହା ବ୍ୟତୀତ ଶତକଡା ୩୦ଭାଗ ରୋଗୀ ଶଯ୍ୟା ଓ ଶତକଡା ୮୧ଭାଗ ଡାକ୍ତର ବର୍ତ୍ତମାନ ଘରୋଇ କ୍ଷେତ୍ର ହାତରେ ରହିଛନ୍ତି । କହିବା ବାହୁଲ୍ୟ ଏହି ଘରୋଇ ଡାକ୍ତରଖାନା ଗୁଡିକ କେବଳ ଲାଭ ଓ ସର୍ବୋଚ୍ଚ ସମ୍ଭବ ଲାଭ ଉଦ୍ଦେଶ୍ୟରେ ହିଁ ପ୍ରତିଷ୍ଠା କରାଯାଇଛି । ସମଗ୍ର ଦେଶର ସ୍ୱାସ୍ଥ୍ୟ ଭିତ୍ତିଭୂମିରେ ଏହିଭଳି ପରିସ୍ଥିତି ଲାଗିରହିଥିଲାବେଳେ ଦେଶରେ କରୋନା ମହାମାରୀ ବ୍ୟାପିବା ଯୋଗୁ ପରିସ୍ଥିତି ସଂକଟଜନକ ହୋଇପଡିଲା । ଇତିପୂର୍ବରୁହିଁ କ୍ଷମତା ତୁଳନାରେ ଯଥେଷ୍ଟ ଅଧିକଲୋକଙ୍କର ସ୍ୱାସ୍ଥ୍ୟସେବାର ବୋଝ ବୋହିଚାଲିଥିବା ଓ ଡାକ୍ତର ନର୍ସ, ଅନ୍ୟ ସ୍ୱାସ୍ଥ୍ୟକର୍ମୀ, ତଥା ଆବଶ୍ୟକ ଚିକିତ୍ସା ସଂରଜାମ ଇତ୍ୟାଦିର ଘୋର ଅଭାବ ଲାଗିରହିଥିବା ସରକାରୀ ଡାକ୍ତରଖାନାର ଅବସ୍ଥା ଅବର୍ଣ୍ଣନୀୟ ହୋଇପଡିଲା । ଅନ୍ୟ ଦିଗରେ ଘରୋଇ ହାସପାତାଳମାନେ ଏହି ଧରଣର ବିପର୍ଯ୍ୟୟ ସମୟରେ ମଧ୍ୟ ମୁନାଫା ଲୁଟ୍‌ରୁ ବିରତ ହେଲେ ନାହିଁ । କରୋନା ସଂପର୍କରେ ପୂର୍ବରୁ ଜଣାଥିଲେ

*(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)*

## କରୋନାର ଦ୍ୱିତୀୟ ଲହର....

*ଦ୍ୱିତୀୟ ପୃଷ୍ଠାର ଅବଶିଷ୍ଟାଂଶ*

ମଧ୍ୟ ସରକାର ଡାକ୍ତର, ନର୍ସ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କପାଇଁ ବ୍ୟକ୍ତିଗତ ସୁରକ୍ଷା ପୋଷାକ(PPE)ର ଉପଯୁକ୍ତ ବ୍ୟବସ୍ଥା କଲେନାହିଁ । ଏହାଫଳରେ ଶହ ଶହ ସଂଖ୍ୟାରେ ଡାକ୍ତର ଅନ୍ୟାନ୍ୟ ସ୍ୱାସ୍ଥ୍ୟକର୍ମଚାରୀ କରୋନାର ପ୍ରଥମ ଲହର ସମୟରେହିଁ ରୋଗୀ ଚିକିତ୍ସା କରିବା ସମୟରେ ସଂକ୍ରମିତ ହୋଇ ମୃତ୍ୟୁବରଣ କରିଥିଲେ । ମାତ୍ର ଦେଶର ସ୍ୱାସ୍ଥ୍ୟସେବା କ୍ଷେତ୍ରର ବ୍ୟାପକ ଘରୋଇକରଣ ଯୋଜନାକୁ ଲୋକ ଲୋଚନର ଆଢୁଆଳରେ ରଖିବାପାଇଁ ସାର୍ବଜନୀନ ସ୍ୱାସ୍ଥ୍ୟବୀମା(Universal Health Insurance) ଯୋଜନା ସଂପର୍କରେ ସରକାରଙ୍କ ପକ୍ଷରୁ ବ୍ୟାପକ ପ୍ରଚାର କରାଯାଉଛି । ସତେ ଯେପରି ସାର୍ବଜନୀନ ସ୍ୱାସ୍ଥ୍ୟବୀମା ହିଁ ହେଉଛି ସାର୍ବଜନୀନ ସ୍ୱାସ୍ଥ୍ୟସେବାର ଗ୍ୟାରେଣ୍ଟି । ବାସ୍ତବରେ ପ୍ରତ୍ୟେକ ପରିବାର ପାଇଁ ବର୍ଷକୁ ୫ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା ଯୋଗାଇଦେବାର ଲକ୍ଷରେ ଘୋଷିତ ଆୟୁଷ୍ମାନ ଭାରତ ଜାତୀୟ ସ୍ୱାସ୍ଥ୍ୟ ସୁରକ୍ଷା ମିଶନ(Ayusman Bharat National Health Protection Mission) ହେଉଛି ସଂପୂର୍ଣ୍ଣଭାବରେ ଲୋକ ଦେଖାଣିଆ । ସମଗ୍ର ଦେଶରେ ଯେତେବେଳେ ସର୍ବନିମ୍ନ ଆବଶ୍ୟକ ସ୍ୱାସ୍ଥ୍ୟସେବା ଭିତ୍ତିଭୂମିର ଘୋର ଅଭାବ ରହିଛି ଓ ଲୋକଙ୍କ ପାଖରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବା କ୍ଷେତ୍ରରେ ଗୁରୁତର ସୀମାବଦ୍ଧତା ରହିଛ ସେତେବେଳେ ସ୍ୱାସ୍ଥ୍ୟବୀମା ସାଧାରଣ ଲୋକଙ୍କର ସ୍ୱାସ୍ଥ୍ୟସେବା ସମସ୍ୟା ଦୂରକରିବ ବୋଲି ପ୍ରଚାର ସଂପୂର୍ଣ୍ଣ ହାସ୍ୟାସ୍ପଦ । ବାସ୍ତବରେ ଏହି ଧରଣର ଯୋଜନା ଜରିଆରେ ଅତି ଉଚ୍ଚ ହାରର ପ୍ରିମିୟମ୍ ମାଧ୍ୟମରେ ଦେଶର ସାଧାରଣ ଲୋକଙ୍କ ଟିକସ ଅର୍ଥରେ ସୃଷ୍ଟି ହେଉଥିବା ରାଜକୋଷରୁ ଘରୋଇ ବୀମା କମ୍ପାନୀମାନଙ୍କ ଖାତାକୁ ଅର୍ଥ ପଇଠ କରିବାହିଁ ହେଉଛି ସରକାରଙ୍କର ଉଦ୍ଦେଶ୍ୟ । ଗଣମାଧ୍ୟମରେ ପ୍ରକାଶିତ ସଂବାଦ ଅନୁଯାୟୀ ଘରୋଇ ବୀମା କମ୍ପାନୀମାନେ ଆଦାୟ ହେଉଥିବା ପ୍ରିମିୟମର ଶତକଡା ୯୭ଭାଗ ଅର୍ଥ ଆତ୍ମସାତ କରୁଥିଲା ବେଳେ ଖାଉଟିମାନଙ୍କୁ ପ୍ରଦାନ କରାଯାଉଥିବା ବୀମାରାଶି କମିକମି ଶତକଡା ୬.୬୧ରେ ପହଞ୍ଚିଛି ।

### କରୋନାର ଦ୍ୱିତୀୟ ଲହର ପରିସ୍ଥିତିକୁ ଆହୁରି ଖରାପ କରିଛି ।

ପାଠକମାନଙ୍କୁ ଆମେ ସ୍ମରଣ କରାଇ ଦେବାକୁ ଚାହୁଁଯେ ୨୦୨୧ ମିସହା ଜାନୁଆରୀ ମାସ ମଧ୍ୟ ଭାଗରେ ଭାରତ କରୋନା ଉପରେ ବିଜୟ ପାଇବାକୁ ଯାଉଛିବୋଲି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଘୋଷଣା କରିଥିଲେ । ମାତ୍ର ବାସ୍ତବତା ଭିନ୍ନ ଧରଣର ହେବାକୁ ଯାଉଥିଲା । କରୋନାର ପ୍ରଥମ ଲହରର ଠିକ୍ ଏକବର୍ଷ ପରେ ଦ୍ୱିତୀୟ ଲହର ଆସିଲା । ଏହାପୂର୍ବରୁ ପ୍ରାୟ ୪ମାସଧରି କରୋନାର ପ୍ରକୋପ କିଛିଟି କମିଯାଇଥିଲା । ତେବେ ଖୁବ୍ ଶୀଘ୍ର କରୋନାର ଦ୍ୱିତୀୟ ଲହର ଆସିବ ଏବଂ ଏହା ପ୍ରଥମ ଲହରଠାରୁ ଆହୁରି ଘାତକ ହେବବୋଲି ବିଶେଷଜ୍ଞମାନେ ପୂର୍ବାନୁମାନ କରିଥିଲେ ମଧ୍ୟ କେନ୍ଦ୍ର ବିଜେପି ସରକାର ଓ ରାଜ୍ୟ ବିଜେଡି ସରକାର ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସଜାଡିବାପାଇଁ ବିଶେଷ କରି ଦରିଦ୍ର ଲୋକମାନଙ୍କପାଇଁ ଚିକିତ୍ସାର ଉପଯୁକ୍ତ ବ୍ୟବସ୍ଥା କରିବାପାଇଁ କୌଣସି ପଦକ୍ଷେପ ଗ୍ରହଣ କଲେ ନାହିଁ । ଏଥିପାଇଁ ଗତବର୍ଷ କରୋନା ମହାମାରୀ ଆରମ୍ଭ ହେବାର ପ୍ରାୟ ୧୪ମାସପରେ ଆଜି ଉଭୟ ସରକାରୀ ଓ ବେସରକାରୀ ହାସପାତାଳରେ ଅକ୍ସିଜେନ ଅଭାବରୁ ଶହ ଶହ ଲୋକ ମୃତ୍ୟୁବରଣ କରୁଛନ୍ତି । ଭେଣ୍ଟିଲେଟର, ଡାକ୍ତରଖାନା ଶଯ୍ୟା ଓ ଜୀବନ ରକ୍ଷାକାରୀ ଔଷଧ ଅଭାବରୁ ହଜାର ହଜାର ଲୋକ ପ୍ରତିଦିନ ପ୍ରାଣ ହରାଉଛନ୍ତି । ଔଷଧର ବ୍ୟାପକ କଳାବଜାରୀ ଚାଲିଛି । ଡାକ୍ତରଖାନାରେ ଭର୍ତ୍ତି ହୋଇ ନପାରି ସାଧାରଣ ଲୋକ ହାସପାତାଳ ବାହାରେ ରାସ୍ତାଉପରେ ମର୍ମନ୍ତୁଦ ଅବସ୍ଥାରେ ମୃତ୍ୟୁବରଣ କରୁଛନ୍ତି । ଅକ୍ସିଜେନ ଅଭାବରୁ ଆମ୍ବୁଲାନ୍ସ ଭିତରେହିଁ ରୋଗୀଙ୍କ ମୃତ୍ୟୁ ଘଟୁଛି । ଏଥିପାଇଁ ଏହିଭଳି ପ୍ରତ୍ୟେକ ମୃତ୍ୟୁପାଇଁ କେନ୍ଦ୍ର ଓ ରାଜ୍ୟ ସରକାରମାନେ ସଂପୂର୍ଣ୍ଣ ଦାୟୀ । ଗତ ୩୦ବର୍ଷଧରି ଚାଲିଥିବା ଜଗତିକରଣ ପ୍ରକ୍ରିୟା ସ୍ୱାସ୍ଥ୍ୟସେବାର ଘରୋଇକରଣ ଓ ସ୍ୱାସ୍ଥ୍ୟସେବା ବଜେଟ୍ ହ୍ରାସ ଏହି ପରିସ୍ଥିତି ପାଇଁ ଦାୟୀ । ସ୍ୱାସ୍ଥ୍ୟବୀମା କାଗଜ ଖଣ୍ଡିଏ ପକେଟରେ ପକେଇଲେ ସେମାନଙ୍କ ପରିବାର ପାଇଁ ସର୍ବୋତ୍ତମ ସ୍ୱାସ୍ଥ୍ୟସେବା ମିଳିବା ସମ୍ଭବ ବୋଲି ଧରିନେଇଥିବା ସ୍ୱଚ୍ଛଳ ବର୍ଗ ବୋଧହୁଏ ପରିସ୍ଥିତିର ଗୁରୁତ୍ୱକୁ ଏହାପୂର୍ବରୁ ଏହିଭଳି ସ୍ପଷ୍ଟ ଭାବରେ କେବେହେଲେ ଉପଲବ୍ଧି କରିନଥିଲେ ।

### ମହାମାରୀ ସମୟରେ ପ୍ରଧାନମନ୍ତ୍ରୀ ଓ ବିଜେପି ନେତାମାନଙ୍କର ଚରମ ଦାୟିତ୍ୱହୀନତା ଓ ଘୃଣ୍ୟ ରାଜନୀତି

ଏଠାରେ ଉଲ୍ଲେଖଯୋଗ୍ୟ ଗତବର୍ଷ ମାର୍ଚ୍ଚମାସ ବେଳକୁ ସମଗ୍ର ବିଶ୍ୱ ଦ୍ରୁତ କରୋନା କବଳିତ ହେଉଥିଲାବେଳେ ପ୍ରଧାନମନ୍ତ୍ରୀ ମୋଦି ମହାଆଡମ୍ବରରେ ନମସ୍ତେ ଟ୍ରମ୍ପ କାର୍ଯ୍ୟକ୍ରମ କରିଥିଲେ ଓ ମଧ୍ୟପ୍ରଦେଶରେ କଂଗ୍ରେସ ସରକାରକୁ ଭାଙ୍ଗିବା କାମରେ ସମସ୍ତ ଶକ୍ତି ବିନିଯୋଗ କରିଥିଲେ । ଏପରିକି ଗତବର୍ଷ ମାର୍ଚ୍ଚ ଦ୍ୱିତୀୟ ସପ୍ତାହରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ କହିଥିଲେ ଯେ କରୋନା ଭାରତପାଇଁ ଏକ ସ୍ୱାସ୍ଥ୍ୟ ସମସ୍ୟ ନୁହେଁ । ମାତ୍ର ଘୋଡା ବେପାର କରି ମଧ୍ୟପ୍ରଦେଶରେ ବିଜେପି ସରକାର ଗଠନ ପରେ ପରେ ମାତ୍ର ୪ଘଣ୍ଟା ନୋଟିସ୍‌ରେ ସମଗ୍ର ଦେଶରେ ତାଲାବନ୍ଦ ଘୋଷଣା କରି ପ୍ରଧାନମନ୍ତ୍ରୀ ସମଗ୍ର ଦେଶର ସାଧାରଣଲୋକଙ୍କୁ ହାହାକାରମୟ ପରିସ୍ଥିତି ମଧ୍ୟରେ ନିକ୍ଷେପ



କରିଥିଲେ । ଲକ୍‌ଡାଉନ ପରେ ପରେ ଦେଶର କୋଟି କୋଟି ପ୍ରବାସୀ ଶ୍ରମିକମାନଙ୍କର ଦୁର୍ଦ୍ଦଶାର ଦୟନୀୟ ଚିତ୍ର ଆଜିବି ହୃଦୟର ତନ୍ତ୍ରିକୁ ଥରେଇଦିଏ ।

ମାତ୍ର ପ୍ରଧାନମନ୍ତ୍ରୀ ମୋଦି, ଗୃହମନ୍ତ୍ରୀ ଅମିତ ଶାହା କିମ୍ବା କେନ୍ଦ୍ର ସରକାର ଏହି ଦୁଃଖଦ ଅଭିଜ୍ଞତାରୁ କୌଣସି ଶିକ୍ଷାଲାଭ କରିନାହାନ୍ତି । କରୋନାର ଦ୍ୱିତୀୟ ଲହର ମାଡି ଆସୁଥିବାବେଳେ ୫ଟି ରାଜ୍ୟରେ ବିଧାନସଭା ନିର୍ବାଚନ ଘୋଷଣା କରାଗଲା । ଏପରିକି ବିଜେପି ଦଳକୁ ଭୋଟ ରାଜନୀତିରେ ସୁବିଧା କରିଦେବାପାଇଁ ପଶ୍ଚିମବଙ୍ଗରେ ୮ଟି ଦଫାରେ ନିର୍ବାଚନ କରାଗଲା । ଏହି ନିର୍ବାଚନୀ ସଭାମାନଙ୍କର ସ୍ୱୟଂ ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀ ଓ ବିଜେପିର ତୁଙ୍ଗ ନେତାମାନେ ଲକ୍ଷ ଲକ୍ଷ ଲୋକଙ୍କର ସମାବେଶକରି ସମସ୍ତ କରୋନା ସଂକ୍ରାନ୍ତିୟ ସାବଧାନତାକୁ ଅଣଦେଖାକରି ନିର୍ବାଚନ ପ୍ରଚାର କଲେ । ଦେଶରେ କରୋନାର ଭୟାବହ ଦ୍ୱିତୀୟ ଲହରୀ ଦେଖା ଦେଇଥିଲାବେଳେ ସମଗ୍ର କେନ୍ଦ୍ର ସରକାରକୁ ଗୋଟିଏ ନିର୍ବାଚନ ପ୍ରଚାର ଯନ୍ତ୍ରରେ ପରିଣତ କରଗଲା । ଏହାଫଳରେ ଆଜି ପଶ୍ଚିମବଙ୍ଗରେ କରୋନା ସଂକ୍ରମଣ ହାର ଦେଶରେ ସର୍ବାଧିକ । ଏହି ପରିସ୍ଥିତିରେ ମାଡ୍ରାସ ହାଇକୋର୍ଟର ବିଚାରପତିମାନେ ଗଭୀର କ୍ଷୋଭ ପ୍ରକାଶ କରି କହିଥିଲେଯେ ବର୍ତ୍ତମାନର କରୋନା ମୃତ୍ୟୁପାଇଁ ନିର୍ବାଚନ ଆୟୋଗର ଅଧିକାରୀମାନେ ହତ୍ୟା ମାମଲାର ସମ୍ମୁଖୀନ ହେବା ଆବଶ୍ୟକ । କେବଳ ୫ଟି ରାଜ୍ୟର ନିର୍ବାଚନ ସମୟରେ ନୁହେଁ, ଆସନ୍ତାବର୍ଷ ହେବାକୁଥିବା ଉତ୍ତରପ୍ରଦେଶ ରାଜ୍ୟ ବିଧାନସଭା ନିର୍ବାଚନରେ ଫାଇଦା ହାସଲ କରିବାପାଇଁ ଉତ୍ତରାଖଣ୍ଡର ହରିଦ୍ୱାରଠାରେ କୁମ୍ଭମେଳା ସମୟ ପୂର୍ବରୁ ଆୟୋଜନ କରାଗଲା । ଏହି ମେଳାରେ ପ୍ରାୟ ଏକ କୋଟି ଲୋକ ଯୋଗଦେଲେ ଏବଂ ସମସ୍ତ ଦେଶରେ କରୋନା ବ୍ୟାପିଲା । କରୋନାପାଇଁ ଗତବର୍ଷ ହଜ୍, ଖ୍ରୀଷ୍ଟମାସ ବନ୍ଦ କରିଦିଆ ଯାଇଥିଲା, ରମଜାନ ପର୍ବକୁ ସଂକ୍ଷିପ୍ତ କରାଯାଇଥିଲା କିନ୍ତୁ ଭୋଟ ପାଇଁ ଓ ଉଗ୍ର ହିନ୍ଦୁତ୍ୱ ସୃଷ୍ଟି କରିବାପାଇଁ କୁମ୍ଭମେଳା କରିବାକୁ ଦିଆଗଲା । ଗତବର୍ଷ ତବଲିଗି ଜମାତରେ ଅଂଶଗ୍ରହଣକାରୀମାନଙ୍କ ବିରୁଦ୍ଧରେ କିଭଳି ଅପପ୍ରଚାର କରାଗଲା ଓ ଏହାକୁ କରୋନା ଜିହାଦ ଆଖ୍ୟା ଦେଇ ଦେଶର ସମସ୍ତ ମୁସଲମାନ ଧର୍ମାବଲମ୍ବୀମାନଙ୍କୁ କିଭଳି ନିନ୍ଦିତ କରିବାପାଇଁ ଉଦ୍ୟମ କରାଗଲା ଏବଂ ଶହଶହ ଲୋକଙ୍କୁ ଗିରଫ କରାଗଲା ସେକଥା ପାଠକମାନଙ୍କର ନିଶ୍ଚିନ୍ତ ସ୍ମରଣ ରହିଛି । ଏହାଛଡା ଦେଶରେ କରୋନାର ପ୍ରକୋପ ଆରମ୍ଭ ହେବା ସମୟରୁହିଁ ଆରଏସ୍ଏସ୍-ବିଜେପି ପକ୍ଷରୁ ଏବାବଦରେ ବିଭିନ୍ନ ଅବୈଜ୍ଞାନିକ ପ୍ରଚାର ଚାଲିଛି । ଗୋମୂତ୍ର, ଗୋବର କିମ୍ବା ପାତଞ୍ଜଳୀର ବିଭିନ୍ନ ଔଷଧ କରୋନା ଭଲ କରିପାରିବ ବୋଲି ପ୍ରଚାର କରିଯାଉଛି । ଏପରିକି ଗତି କିଛିଦିନ ପୂର୍ବରୁ ରାମଦେବ ଏଲୋପ୍ୟାଥିକ ଔଷଧହିଁ କରୋନା ଜନିତ ମୃତ୍ୟୁପାଇଁ ଦାୟୀବୋଲି ଘୋଷଣା କରିଦେଲେ । ମାତ୍ର କେନ୍ଦ୍ର ସରକାର ଏହି ଧରଣର ଅବୈଜ୍ଞାନିକ ପ୍ରଚାର ବିରୁଦ୍ଧରେ କଠୋର ପଦକ୍ଷେପ ଗ୍ରହଣ କରିବା ଦୂରରେ ଥାଉ ସେସବକୁ ସିଧାସଳଖ ପ୍ରୋତ୍ସାହିତ କରିଚାଲିଛନ୍ତି । ସୁତରାଂ, ଆଜି କରୋନା ମାହାମାରୀର ଦ୍ୱିତୀୟ ଲହର ଓ ଏଥିରେ ମୃତ୍ୟୁମୁଖରେ ପଡୁଥିବା ପ୍ରତ୍ୟେକଟି ବ୍ୟକ୍ତିଙ୍କର ମୃତ୍ୟୁପାଇଁ ଏମାନେହିଁ ଦାୟୀ ।

### ଦେଶରେ ଅକ୍ସିଜେନର ଅଭାବର କାରଣ କ'ଣ ?

ଏହି ପ୍ରସଙ୍ଗରେ ପ୍ରଶ୍ନ ଉଠୁଛି ଦେଶରେ ଅକ୍ସିଜେନର ଏହିଧରଣର ମାରାତ୍ମକ ଅଭାବ କାହିଁକି ପରିଲକ୍ଷିତ ହେଉଛି ? କରୋନା ରୋଗୀଙ୍କ ଚିକିତ୍ସା, ବିଶେଷକରି ଏହାର ଦ୍ୱିତୀୟ ଲହର ସମୟରେ ଯେ ଅକ୍ସିଜେନର ଏହିଧରଣର ଆବଶ୍ୟକତା ଦେଖାଦେବ ତା' କ'ଣ ସରକାରଙ୍କୁ ଅଜଣା ଥିଲା ? ଏଠାରେ ଆମେ ପାଠକମାନଙ୍କୁ ସ୍ମରଣ କରାଇ ଦେବାକୁ ଚାହୁଁଯେ ୨୦୨୦ମସିହା ମାର୍ଚ୍ଚ ୧୪ ତାରିଖ ଦିନ କରୋନା ମହାମାରୀକୁ ଏକ 'ଆପଦ' ଭାବରେ ଭାରତ ସରକାର ଘୋଷଣା କରିଥିଲେ । ଏହାର ୧୦ଦିନପରେ ଦେଶର ସ୍ୱାସ୍ଥ୍ୟସେବା ଭିତ୍ତିଭୂମିର ଆବଶ୍ୟକ ବିସ୍ତାରପାଇଁ ସମୟ ଦରକାର ବୋଲି ସରକାର ପ୍ରକାଶ କରିଥିଲେ । ତେବେ ଏ ବାବଦରେ କେନ୍ଦ୍ର ସରକାର କେତେ ତତ୍ପର ତାହା ନିମ୍ନ ଆଲୋଚନାରୁ ବୁଝିହେବ । କରୋନାକୁ 'ଆପଦ' ଭାବରେ ଘୋଷଣା କରାଯିବାର ପ୍ରାୟ ୭ମାସ ପରେ ୨୦୨୦ମସିହା ଅକ୍ଟୋବର ୨୧ତାରିଖରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପରିଚାଳନାରେ କାମକରୁଥିବା ସେଣ୍ଟ୍ରାଲ ମେଡିକାଲ ସର୍ଭିସ ସୋସାଇଟି ସମଗ୍ର ଦେଶର ୧୫୦ଟି ଜିଲ୍ଲା ସଦର ମହକୁମା ହାସପାତାଳରେ ଅକ୍ସିଜେନ କରାଖାନା ବସାଇବାପାଇଁ ଟେଣ୍ଡର ଆହ୍ୱାନ କଲା । ସମ୍ବାଦପତ୍ରମାନଙ୍କରେ ପ୍ରକାଶିତ ଖବର ଅନୁଯାୟୀ ପ୍ରସ୍ତାବିତ ୧୫୦ଟି ମଧ୍ୟରୁ ଏପର୍ଯ୍ୟନ୍ତ ମାତ୍ର ୧୧ଟି କାରଖାନା ପ୍ରତିଷ୍ଠା ହୋଇଛି ତା ମଧ୍ୟରୁ ମାତ୍ର ୫ଟି କାର୍ଯ୍ୟକ୍ଷମ ଅବସ୍ଥାରେ ରହିଛି । ଏ ସମସ୍ତ ଅକ୍ସିଜେନ କାରଖାନା ପ୍ରତିଷ୍ଠା ଦାୟିତ୍ୱ କେନ୍ଦ୍ର ସରକାରଙ୍କର । ମାତ୍ର କେନ୍ଦ୍ର ସରକାରଙ୍କ ଅବହେଳାପାଇଁ



ଅକ୍ସିଜେନ ଅଭାବରେ ସମଗ୍ର ଦେଶରେ ହଜାର ହଜାର ଲୋକ ମୃତ୍ୟୁ ମୁଖରେ ପଡିବାପରେ ପରିସ୍ଥିତି ଚାପରେ ପ୍ରଧାନମନ୍ତ୍ରୀ ଅକ୍ସିଜେନ କାରଖାନା ପ୍ରତିଷ୍ଠାପାଇଁ ଅତ୍ୟନ୍ତ ଗୋପନୀୟ ଢଙ୍ଗରେ ପରିଚାଳିତ ହେଉଥିବା ପିଏମ୍ କେୟାର ଫଣ୍ଡରୁ ୨୦୦୦କୋଟି ଟଙ୍କା ମଞ୍ଜୁର କରିଛନ୍ତି । ଠିକ୍ ସମୟରେ ଆବଶ୍ୟକ ଅକ୍ସିଜେନ କାରଖାନା ପ୍ରତିଷ୍ଠା କରାନଯିବା ଫଳରେ ବର୍ତ୍ତମାନ ସାଧାରଣ ଲୋକ ପାକମାଛି ଭଳି ମୃତ୍ୟୁ ମୁଖରେ ପଡୁଥିବାବେଳେ ପ୍ରଧାନମନ୍ତ୍ରୀଙ୍କର ଏହି 'ଦାନ'କୁ ବିଜେପି ଦଳ ପକ୍ଷରୁ ଅତ୍ୟନ୍ତ ନିର୍ଲ୍ଲଜ ଭାବରେ ପ୍ରଚାର କରାଯାଉଛି । କେବଳ ଏତିକି ନୁହେଁ, କରୋନା ରୋଗୀ ମାନଙ୍କପାଇଁ ପିଏମ୍ କେୟାର ଫଣ୍ଡ ଟଙ୍କାରେ

*(ଅବଶିଷ୍ଟାଂଶ ୪ର୍ଥ ପୃଷ୍ଠାରେ)*

## କରୋନାର ଦ୍ୱିତୀୟ ଲହର....

ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

ଖରିଦକରି ବିଭିନ୍ନ ରାଜ୍ୟକୁ ପଠାଯାଉଥିବା ଭେଣ୍ଟିଲେଟରଗୁଡିକ ନିମ୍ନମାନର ଓ ଚିକିତ୍ସାପାଇଁ କାମରେ ଲାଗୁନାହିଁ ସେସବୁ ପଡିରହିଛି ବୋଲି ଗତ ଏକବର୍ଷଧରି ଗୁରୁତର ଅଭିଯୋଗ ଆସୁଛି । ଏ ସଂପର୍କରେ ଗଣମାଧ୍ୟମରେ ବ୍ୟାପକ ଚର୍ଚ୍ଚା ହେଉଛି । ମାତ୍ର ଏହା ଉପରେ କୌଣସି ଅନୁସନ୍ଧାନ ହେଉନାହିଁ ବରଂ ଏହି ଧରଣର ନିମ୍ନମାନର ଭେଣ୍ଟିଲେଟର ଯୋଗାଉଥିବା କମ୍ପାନୀମାନଙ୍କୁ ଆହୁରି ଅଧିକ ଯୋଗାଣପାଇଁ ବରାଦ କରାଯାଉଛି । ଏହି ଧରଣର ଭେଣ୍ଟିଲେଟର ଯୋଗାଣରେ ହଜାର ହଜାର କୋଟି ଟଙ୍କାର ଦୁର୍ନିତି ହୋଇଥିବା ଅତ୍ୟନ୍ତ ସ୍ପଷ୍ଟ । ବ୍ୟବସାୟୀମାନଙ୍କର ଫାଇଦାପାଇଁ କେନ୍ଦ୍ର ସରକାର ଓ ଶାସକ ବିଜେପି ଦଳ ସାଧାରଣ ଲୋକଙ୍କୁ ମୃତ୍ୟୁ ମୁହଁକୁ ଠେଲି ଦେଇଛନ୍ତି । ମଧ୍ୟପ୍ରଦେଶର କେତେଜଣ ଆରଏସଏସ୍-ବିଜେପି ନେତା ନକଲି ରେମଡିସିଭିର ଇଂଜେକ୍ସନ ପ୍ରସ୍ତୁତ କରି ବିକ୍ରି କରୁଥିଲା ବେଳେ ଗିରଫ ହୋଇଛନ୍ତି । ଏହାବ୍ୟତୀତ ଦେଶର ବିଭିନ୍ନ ରାଜ୍ୟରେ ବିଶେଷକରି ବିଜେପି ଶାସିତ ରାଜ୍ୟମାନଙ୍କରେ ବିଜେପି ନେତାମାନଙ୍କଘରୁ ବିପୁଳ ପରିମାଣର ରେମସେଡିଭର ଜବତ ହେଉଥିଲାବେଳେ କଳାବଜାରରେ ଏହା ପ୍ରଚୁର ଚଢାଦାମରେ ବିକ୍ରି ହେଉଛି । ସୁତରାଂ, ଅକ୍ସିଜେନ ଅଭାବରେ ଘଟୁଥିବା ପ୍ରତ୍ୟେକ ମୃତ୍ୟୁ ମନୁଷ୍ୟକୃତ ଏବଂ ସରକାରଙ୍କର ଚୂଡାନ୍ତ ଜନବିରୋଧି ଅପରାଧ ସୁଲଭ ଆଭିମୁଖ୍ୟର ପରିଣାମ । ପୁଣି ଜନସାଧାରଣ ଜୀବନ ମୃତ୍ୟୁର ଦୋଛକିରେ ଠିଆହୋଇଥିବା ବେଳେ ଆରଏସଏସ୍-ବିଜେପି ନେତା ତଥା ଅସାଧୁ ବ୍ୟବସାୟୀମାନେ ମିଳିମିଶି ଲୋକଙ୍କୁ ଲୁଣ୍ଠନ କରୁଛନ୍ତି ଏବଂ କେନ୍ଦ୍ର ସରକାର ଏହାର ପୃଷ୍ଠପୋଷକତା କରୁଛି ।

### ଟୀକା ପ୍ରସ୍ତୁତକାରୀ କମ୍ପାନୀମାନଙ୍କୁ ମୁନାଫାଲୁଟ୍‌ର ସୁଯୋଗ

ଭାରତର ଜନସାଧାରଣ କେବଳ ମାତ୍ର ହାସପାତାଳ ଶଯ୍ୟା, ଅକ୍ସିଜେନ, ଭେଣ୍ଟିଲେଟର, ଅତ୍ୟାବଶ୍ୟକ ଔଷଧର ଅଭାବଯୋଗୁ ପ୍ରାଣ ହରାଉ ନାହାନ୍ତି, ଟୀକାପାଇଁ ମଧ୍ୟ ହନ୍ତସନ୍ତ ହେଉଛନ୍ତି । ଦେଶରେ ଟୀକାର ଘୋର ଅଭାବ ଦେଖାଦେଇଥିବାବେଳେ ପ୍ରଚାରପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ସମସ୍ତ ଲୋକଙ୍କୁ ଟୀକାଦେବାପାଇଁ ପର୍ଯ୍ୟାପ୍ତ ସଂଖ୍ୟକ ଟୀକା ଉତ୍ପାଦନର ବନ୍ଦୋବସ୍ତ କରିବା ପରିବର୍ତ୍ତେ ୪ଦିନ ବ୍ୟାପୀ 'ଟୀକା ଉତ୍ସବ' ପାଳନପାଇଁ ଆହ୍ୱାନ ଦେଇଥିଲେ । ମାତ୍ର ଦେଶରେ ଟୀକାକରଣ ଅଭିଯାନ ଆରମ୍ଭ ହେବାପରେ ଦେଖାଗଲା ଯେ, ଏହି ୪ଦିନିଆ ଟୀକା ଉତ୍ସବ ଚାଲିଥିଲା ବେଳେ ହିଁ ଟୀକାକରଣ ହାର କମିଚାଲିଥିଲା ।



ଯେଉଁହାରରେ ଦେଶରେ ଟୀକାକରଣ ଚାଲିଛି ସେହି ହାରରେ ଚାଲିଲେ ଦେଶର ସମସ୍ତ ଲୋକଙ୍କୁ ଟୀକା ଦେବାପାଇଁ ଅନ୍ତତଃ ୫ବର୍ଷ ସମୟ ଲାଗିବ । ପୁଣି ଯେଉଁ ହାରରେ ଦେଶରେ ଟୀକା ଉତ୍ପାଦନ ହେଉଛି ସହି ହାରରେ ଆଗାମୀ ଦିନରେ ଉତ୍ପାଦନ ଜାରୀ ରହିଲେ ସାର୍ବଜନୀନ ଟିକାକରଣ ଆହୁରି ବିଳମ୍ବିତ ହେବା ଅତ୍ୟନ୍ତ ସ୍ପଷ୍ଟ । ଏହିଭଳୀ ପରିସ୍ଥିତିରେ ଦେଶର ଲୋକଙ୍କପାଇଁ ଆବଶ୍ୟକ ସଂଖ୍ୟକ ଟୀକାର ବନ୍ଦୋବସ୍ତ କରିବା ବଦଳରେ କେନ୍ଦ୍ର ସରକାର ବିଦେଶକୁ ଟୀକା ରପ୍ତାନୀ କରିବାପାଇଁ ଘରୋଇ କମ୍ପାନୀମାନଙ୍କୁ ସୁଯୋଗ ଦେଇଛନ୍ତି । ପୁଣି ଏହାକୁ ମହାଆଡମ୍ବରରେ ପ୍ରଚାରକରି ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ଭାରତ ବହୁ ଦେଶକୁ ଟୀକା ଯୋଗାଇବାର ଗୌରବ ଅର୍ଜନ କରିଛି ବୋଲି ବିଜେପି ଦଳ ପକ୍ଷରୁ ପ୍ରଚାର କରାଯାଉଛି । ପୁଣି ମୋଦିଙ୍କର ଏହି ନିଷ୍ପତ୍ତିକୁ ସମାଲୋଚନା କରୁଥିବା ଲୋକଙ୍କୁ ଗିରଫ କରାଯାଉଛି ।

ପାଠକମାନଙ୍କର ସ୍ମରଣଥିବ ଯେ ବିହାର ନିର୍ବାଚନ ସମୟରେ ଦେଶର ପ୍ରତ୍ୟେକ ଲୋକଙ୍କୁ ବିନାମୂଲ୍ୟରେ କୋଭିଡ୍ ଟୀକା ଦିଆଯିବ ବୋଲି ପ୍ରଧାନମନ୍ତ୍ରୀ ଘୋଷଣା କରିଥିଲେ । ମାତ୍ର ବର୍ତ୍ତମାନ କେନ୍ଦ୍ର ସରକାରଙ୍କ ଘୋଷଣା ଅନୁଯାୟୀ କୋଭିସିଲ୍ଡ ଟିକା ପ୍ରସ୍ତୁତ କରୁଥିବା ସିରମ୍ ଇଷ୍ଟିଚ୍ୟୁଟ୍ କେନ୍ଦ୍ର ସରକାରଙ୍କୁ ଡୋଜ୍ ପିଛା ୧୫୦ଟଙ୍କାରେ ରାଜ୍ୟ ସରକାରମାନଙ୍କୁ ୬୦୦ଟଙ୍କାରେ ଏବଂ ଘରୋଇ ହାସପାତାଳମାନଙ୍କୁ ୬୦୦ରୁ ୧୦୦୦ଟଙ୍କାରେ ବିକ୍ରି କରିପାରିବେ । ସେହିଭଳି କୋଭାକ୍ସିନ୍ ଟୀକା ପ୍ରସ୍ତୁତ କରୁଥିବା ଦେଶର ଅନ୍ୟତମ ଟୀକାଉତ୍ପାଦନକାରୀ ଭାରତ ବାୟୋଟେକ୍ ଡୋଜ୍ ପିଛା ୧୫୦,୬୦୦ ଓ ୧୨୦୦ଟଙ୍କାରେ ବିକ୍ରି କରିପାରିବ । ଏକ ହିସାବରୁ ଜଣାଯାଇଛି ଯେ ଏହି ଦରରେ ଟୀକା ବିକ୍ରିକରି ଟୀକା ଉତ୍ପାଦନକାରୀ କମ୍ପାନୀମାନେ ୧.୧ଲକ୍ଷ କୋଟି ଟଙ୍କା ମୁନାଫା ଅର୍ଜନ କରିବେ । ତେବେ ବର୍ତ୍ତମାନ ଦେଶର ଟୀକାର ଘୋର ଅଭାବ ଓ ଆବଶ୍ୟକ ସଂଖ୍ୟକ ଟୀକା ଯୋଗାଣରେ କେନ୍ଦ୍ର ସରକାରଙ୍କ ବିଫଳତା ଫଳରେ ବିଭିନ୍ନ ରାଜ୍ୟ ସରକାରମାନେ ଯଥେଷ୍ଟ ସଂଖ୍ୟକ ଟୀକା ଖରିଦ କରିବାପାଇଁ ଆନ୍ତର୍ଜାତୀୟ ଟେଣ୍ଡର ଆହ୍ୱାନ କରୁଛନ୍ତି । ମାତ୍ର ଏହା ସଫଳ ହୋଇନାହିଁ । ତେବେ ଗତ କେନ୍ଦ୍ରୀୟ ବଜେଟ୍‌ରେ ଟୀକା ପାଇଁ ଯେଉଁ ୩୫ହଜାର କୋଟି ଟଙ୍କା ବ୍ୟୟବରାଦ କରାଯାଇଥିଲା ସେ ଟଙ୍କା କୁଆଡେଗଲା ଖୋଜିଲେ ମିଳୁନାହିଁ । ସେ ବାବଦରେ କେନ୍ଦ୍ର ସରକାର ନିରବ ।

ଉପର ଆଲୋଚନାରୁ ବୁଝିହେବ ଯେ ଏହି କରୋନା ମହାମାରୀ ବହୁପ୍ରଚାରିତ ଗଣତନ୍ତ୍ର, ଜନମଙ୍ଗଳକାରୀ ରାଷ୍ଟ୍ର ଓ ବିଜେପିର ସବ୍ କେ ସାଥ୍ ସବ୍ କେ ବିକାଶ ସଂପର୍କିତ ସମସ୍ତ ପ୍ରଚାରର ମୁଖା ଖୋଲି ଦେଇଛି । ବର୍ତ୍ତମାନ ଏହା ସ୍ପଷ୍ଟଯେ କେନ୍ଦ୍ର ବିଜେପି ସରକାର ଓ ବିଜେପି ଦଳର ଭୋଟ ସର୍ବସ୍ୱ ରାଜନୀତି ଏବଂ ଅବୈଜ୍ଞାନିକ ଦୃଷ୍ଟିଭଙ୍ଗୀ, ଚରମ ଦୁର୍ନିତୀ, ଦେଶର ସାଧାରଣ ଲୋକଙ୍କ ଜୀବନ ପ୍ରତି ସରକାରଙ୍କର ଚୂଡାନ୍ତ ଉଦାସୀନତା ଓ ଦେଶର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ପାଇଁ ଦେଶରେ କରୋନା ମହାମାରୀ ଆଜି ଏହିଧରଣର ଭୟାବହ ପରିସ୍ଥିତି ସୃଷ୍ଟି କରିଛି । ଯୁଦ୍ଧକାଳୀନ ଭିତିରେ ଦେଶର ସ୍ୱାସ୍ଥ୍ୟସେବା ଭିତିଭୂମିକୁ ସୁଦୃଢ କରିବା, ଡାକ୍ତରଖାନାମାନଙ୍କରେ ଆବଶ୍ୟକ ସଂଖ୍ୟକ ଡାକ୍ତର ନର୍ସ, ଅନ୍ୟାନ୍ୟ ସ୍ୱାସ୍ଥ୍ୟକର୍ମଚାରୀ ନିଯୁକ୍ତ କରିବା, କରୋନା ରୋଗୀଙ୍କ ଉପଯୁକ୍ତ ଚିକିତ୍ସାପାଇଁ ଆବଶ୍ୟକ ଯନ୍ତ୍ରପାତି, ଅକ୍ସିଜେନ, ଭେଣ୍ଟିଲେଟର ଇତ୍ୟାଦିର ବନ୍ଦୋବସ୍ତ କରିବା ଓ ଦେଶର ପ୍ରତ୍ୟେକ ନାଗରିକଙ୍କୁ ବିନାମୂଲ୍ୟରେ ଯୁଦ୍ଧାକାଳୀନ ଭିତିରେ ଟୀକାକରଣ କରିବା ଆଜିର ଦିନରେ ସରକାରଙ୍କର ପ୍ରାଥମିକତା ହେବା ଆବଶ୍ୟକଥିଲା । ମାତ୍ର ସରକାର ଏହା ଉପରେ ଆବଶ୍ୟକ ଗୁରୁତ୍ୱ ନଦେଇ ୨୦,୦୦୦କୋଟି ଟଙ୍କା ଖର୍ଚ୍ଚ କରି ନୂଆ ପାର୍ଲାମେଣ୍ଟ ଭବନ ନିର୍ମାଣ କରିବା ଓ ଏହାର ଆଖପାଖ ଅଂଚଳର ସୌନ୍ଦର୍ଯ୍ୟକରଣ କରିବା ଉପରେ ପ୍ରାଥମିକତା ପ୍ରଦାନ କରୁଛନ୍ତି । ପ୍ରଧାନମନ୍ତ୍ରୀ ଓ ଦେଶର ଅତିବିଶିଷ୍ଟ ଲୋକମାନଙ୍କପାଇଁ ୮୦୦କୋଟି ଟଙ୍କା ଖର୍ଚ୍ଚକରି ବିଳାସପୂର୍ଣ୍ଣ ଉଡାଜାହାଜ ଖରିଦ କରିବା, କୁମ୍ଭମେଳାପାଇଁ ୬୭୫କୋଟି ଟଙ୍କା ଖର୍ଚ୍ଚକରିବା ଭଳି ବଦ୍ ଖର୍ଚ୍ଚ ମଧ୍ୟ ଏହି କରୋନା ମହାମାରୀ ସମୟରେ କରାଯାଉଛି । ଗୋଟିଏ ପଟରେ ଦେଶରେ ମୃତ୍ୟୁର ଶୋଭାଯାତ୍ରା ଚାଲିଥିଲାବେଳେ ବଡ ବଡ କର୍ପୋରେଟ୍, ହାତଗଣତି ଅତିଧନୀ ଓ ନିଶ୍ଚିତ ଭାବରେ ଏହାପଛରେ ରହିଥିବା ଅପରାଧ ସାମ୍ରାଜ୍ୟର ମୁନାଫାପାଇଁ ଦେଶରେ ଆଇପିଏଲ୍ କ୍ରିକେଟ ଖେଳ ଚାଲିଥିଲା । ଏହା ହେଉଛି ପୃଥିବୀର ସର୍ବବୃହତ ଗଣତନ୍ତ୍ରର ବାସ୍ତବଚିତ୍ର । ମଣିଷର ମୃତ୍ୟୁରେ ଦେଶରେ ବ୍ୟବସାୟ ଚାଲିଛି । ଏହିଭଳି ପରିସ୍ଥିତିରେ ଦେଶର ପ୍ରତ୍ୟେକ ନାଗରିକପାଇଁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ଉପଲବ୍ଧ କରାଇବା ଦାବିରେ ଦେଶର କୋଟି କୋଟି ମେହନତି ଜନସାଧାରଣ ଏକଜୁଟ୍ ହୋଇ ଐକ୍ୟବଦ୍ଧ ଶକ୍ତିଶାଳୀ ଗଣଆନ୍ଦୋଳନ ଜରିଆରେ ସରକାରଙ୍କୁ ଦାବି ମାନିନେବାପାଇଁ ବାଧ୍ୟ କରିବା ଆବାଶ୍ୟକ । ଏହାହିଁ ଆଜି ସମୟର ଆହ୍ୱାନ ।

## ଐତିହାସିକ ମଇଦିବସ ଦୀର୍ଘଜୀବୀ ହେଉ

(୧୮୯୭ ମସିହା ଏପ୍ରିଲ ମାସରେ ଐତିହାସିକ ମଇ ଦିବସ ଉପଲକ୍ଷେ ମହାନ ଲେନିନ୍‌ଙ୍କଦ୍ୱାରା ଲିଖିତ ପ୍ରଚାରପତ୍ରର ଓଡ଼ିଆ ଅନୁବାଦ ଚଳିତବର୍ଷ ମଇଦିବସ ଅବସରରେ ସର୍ବହରା କ୍ରାନ୍ତିର ଚଳିତ ସଂଖ୍ୟାରେ ସ୍ଥାନିତ ହୋଇଛି, ଆଶା କରୁଛୁ ଏହି ପ୍ରଚାରପତ୍ରଟି ଦେଶର ଶ୍ରମିକଶ୍ରେଣୀ ତଥା ଶ୍ରମିକ ଶ୍ରେଣୀର ମୁକ୍ତି ଆନ୍ଦୋଳନରେ ନିୟୋଜିତ ସଂଗ୍ରାମୀମାନଙ୍କପାଇଁ ପଥ ନିର୍ଦ୍ଦେଶକାରୀ ସାବ୍ୟସ୍ତ ହେବ । (ସମ୍ପାଦକ - ସର୍ବହରା କ୍ରାନ୍ତି)

### ଶ୍ରମିକମାନଙ୍କର ଅବସର ଦିନ-ମଇପହିଲା

କମ୍ରେଡ୍‌ମାନେ ! ଆସନ୍ତୁ ଆମେ ଆମ ଜୀବନର ବାସ୍ତବ ଅବସ୍ଥାକୁ ଯତ୍ନ ସହକାରେ ଅନୁଧ୍ୟାନ କରିବା । ଆସନ୍ତୁ ଆମେ ଜୀବନ ଅତିବାହିତ କରୁଥିବା ପରିବେଶକୁ ଭଲଭାବରେ ନିରିକ୍ଷଣ କରିବା । ଆମେ କ'ଣ ଦେଖୁଛୁ ? ଆମେ କଠିନ ପରିଶ୍ରମ କରୁ, ଆମେ ଅମାପ ସଂପଦ ସୃଷ୍ଟି କରୁ, ସୁନା ଓ ମୂଲ୍ୟବାନ କପଡ଼ା, ରେଶମ ଲୁଗା ଓ ମଖମଲ ପୋଷାକ ପ୍ରସ୍ତୁତକରୁ, ଆମେ ମାଟିତଳୁ ଲୁହା ଓ କୋଇଲା ଖୋଳି ବାହାରକରୁ, ଆମେ ଯନ୍ତ୍ରପାତି, ଜାହାଜ, ଦୁର୍ଗ ଓ ରେଳ ନିର୍ମାଣ କରୁ । ପୃଥିବୀର ସମସ୍ତ ସଂପଦ ଆମରି ହାତରେ ସୃଷ୍ଟି ହୁଏ, ଆମ ଝାଳ ଓ ରକ୍ତ ବିନିମୟରେ ଆହରିତ ହୁଏ, ଆଉ ଏହି ହାଡ଼ଭଙ୍ଗା ଶ୍ରମପାଇଁ ଆମେ କି ପୁରସ୍କାର ପାଉ ? ଆମକୁ ନ୍ୟାୟ ମିଳୁଥିଲେ ଆମେ ସୁଖରେ ଭଲ ଘରେ ବାସ କରୁଥାନ୍ତୁ, ଭଲ ପୋଷାକ ପିନ୍ଧୁଥାନ୍ତୁ ଏବଂ ଯେକୌଣସି ପରିସ୍ଥିତିରେ ମଧ୍ୟ ଦୈନନ୍ଦିନ ଗୁଜୁରାଣ ମେଣ୍ଟାଇବା ପାଇଁ ଅଭାବର ସମ୍ମୁଖୀନ ହେଉନଥାନ୍ତୁ । ମାତ୍ର ଆମେ ସମସ୍ତେ ଏକଥା ଭଲଭାବରେ ଜାଣୁ ଯେ, ଜୀବନ ଧରି ବଞ୍ଚିବାପାଇଁ ମଧ୍ୟ ଆମେ ପାଉଥିବା ମଜୁରୀ ଯଥେଷ୍ଟ ହୁଏନାହିଁ । ମାଲିକମାନେ ଆମ ମଜୁରୀ ହ୍ରାସ କରନ୍ତି, ଆମକୁ ଓଭରଟାଇମ୍ କରିବାକୁ ବାଧ୍ୟ କରନ୍ତି, ଅନ୍ୟାୟ ଭାବରେ ଆମଠାରୁ ଜୋରିମାନା ଆଦାୟ କରନ୍ତି । ସଂକ୍ଷେପରେ କହିଲେ, ସେମାନେ ସବୁଦିଗରୁ ଆମ ଉପରେ ଅତ୍ୟାଚାର କରନ୍ତି ଏବଂ ଆମପକ୍ଷରୁ ଯଦି କେବେ ଅସନ୍ତୋଷ ପ୍ରକାଶ ପାଏ, ତା'ହେଲେ ସେମାନେ ତୁରନ୍ତ ଆମକୁ ବହିଷ୍କାର କରିଦିଅନ୍ତି । ଆମେ ଏକଥା ବାରମ୍ବାର ଆବିଷ୍କାର କରିଥାଉ ଯେ, ଆମେ ନିଜର ସୁରକ୍ଷାପାଇଁ ଯେଉଁମାନଙ୍କ ପାଖକୁ ଯାଉ ସେମାନେ ମାଲିକମାନଙ୍କର ବନ୍ଧୁ ଓ ଭୃତ୍ୟ । ଆମ ଶ୍ରମିକମାନଙ୍କୁ ଅଜ୍ଞତା ମଧ୍ୟରେ ବୁଡ଼ାଇ ରଖାଯାଇଛି । ଶିକ୍ଷାର ସୁଯୋଗରୁ ଆମକୁ ବଞ୍ଚିତ କରାଯାଇଛି । ଯେମିତିକି ଆମେ ନିଜର ଅବସ୍ଥାରେ ଉନ୍ନତି




କରିବାପାଇଁ ସଂଗ୍ରାମ କରିବା ଶିକ୍ଷାଲାଭ କରି ନ ପାରୁ । ସେମାନେ ଆମକୁ ବନ୍ଧନରେ ରଖିଥା'ନ୍ତି । ସାମାନ୍ୟ ଆଳ ଦେଖାଇ ଆମକୁ

(ଅବଶିଷ୍ଟାଂଶ ୫ମ ପୃଷ୍ଠାରେ)

## ଐତିହାସିକ ମଇ ଦିବସ....

*୪ର୍ଥ ପୃଷ୍ଠାର ଅବଶିଷ୍ଟାଂଶ*

କାମରୁ ବାହାର କରିଦିଅନ୍ତି । ଦମନ ପୀଡ଼ନକୁ ପ୍ରତିରୋଧ କରୁଥିବା ଯେକୌଣସି ବ୍ୟକ୍ତିଙ୍କୁ ଗିରଫ କରନ୍ତି ଓ ନିର୍ବାସିତ କରନ୍ତି, ଆମର ଲଢେଇକୁ ନିଷିଦ୍ଧ କରନ୍ତି । ଅଜ୍ଞାନତା ଓ ଦାସତ୍ୱ – ଏହାରି ବଳରେ ପୁଞ୍ଜିପତି ଓ ସଦାସର୍ବଦା ସେମାନଙ୍କ ସେବାରେ ଲିପ୍ତ ସରକାରମାନେ ଆମକୁ ବଶୀଭୂତ କରି ରଖନ୍ତି । ଆମ ଅବସ୍ଥାର ଉନ୍ନତିପାଇଁ, ଆମ ମଜୁରୀ ବୃଦ୍ଧି କରିବାପାଇଁ, ଆମ ଶ୍ରମ ନିର୍ଘଣ୍ଟ ହ୍ରାସ କରିବାପାଇଁ, ଉଚ୍ଚକୋଟୀର ଓ ଦରକାରୀ ବହି ପଢ଼ିବାପାଇଁ ଆମ ପାଖରେ କି ଉପାୟ ଅଛି ! ମାଲିକମାନେ (ଯେହେତୁ ଆମ ଅବସ୍ଥା ଯେତେ ଖରାପ ହୁଏ ସେମାନେ ସେତେ ଭଲରେ ରହନ୍ତି) ଏବଂ ସେମାନଙ୍କର ସମସ୍ତ ଭୃତ୍ୟମାନେ, ପୁଞ୍ଜିପତିମାନଙ୍କର ହାତଟେକାରେ ବଞ୍ଚିରହିଥିବା ଏବଂ ପୁଞ୍ଜିପତିମାନଙ୍କ ନିର୍ଦ୍ଦେଶରେ ଆମକୁ ଅଜ୍ଞାନତା ଓ ଦାସତ୍ୱର ଶୃଙ୍ଖଳରେ ବାନ୍ଧି ରଖିଥିବା ସମସ୍ତେ, ଆମ ବିରୁଦ୍ଧରେ । ସହାୟତା ପାଇଁ ଆମେ କାହାରି ଉପରେ ନିର୍ଭର କରିପାରିବା ନାହିଁ; କେବଳ ମାତ୍ର ଆମେ ନିଜ ଉପରେ ହିଁ ନିର୍ଭର କରିପାରିବା । ଆମର ଶକ୍ତି ଆମର ଏକତା ମଧ୍ୟରେ ନିହିତ ରହିଛି; ଏବଂ ଶୋଷକମାନଙ୍କ ବିରୁଦ୍ଧରେ ସମ୍ମିଳିତ, ନଛୋଡ଼ବନ୍ଧା ଏବଂ କର୍ମତତ୍ପର ପ୍ରତିରୋଧ ମଧ୍ୟରେ ହିଁ ଆମର ମୁକ୍ତି ନିହିତ ରହିଛି । ଆମର ଶକ୍ତି କେଉଁଠାରେ ନିହିତ ରହିଛି ସେକଥା ସେମାନେ ବହୁପୂର୍ବରୁ ବୁଝିପାରିଛନ୍ତି । ସେଥିପାଇଁ ଆମକୁ ଭାଗଭାଗ କରି ରଖିବାପାଇଁ ଏବଂ ସମସ୍ତ ଶ୍ରମିକଙ୍କର ସ୍ୱାର୍ଥ ସମାନ ବୋଲି ଆମକୁ ବୁଝିବାକୁ ନଦେବାପାଇଁ ସବୁ ପ୍ରକାର ଉଦ୍ୟମ କରିଛନ୍ତି । ସେମାନେ ଆମ ମଜୁରୀ କାଟନ୍ତି କିନ୍ତୁ ଏକାବେଳେ ସମସ୍ତଙ୍କର କାଟନ୍ତି ନାହିଁ; ଜଣ ଜଣ କରି କାଟନ୍ତି । ସେମାନେ ଆମ ଉପରେ ଫୋରମ୍ୟାନମାନଙ୍କୁ ନିଯୁକ୍ତି ଦିଅନ୍ତି, ସେମାନେ ପିସ୍‌ୱାର୍କ ପ୍ରଚଳନ କରନ୍ତି ଏବଂ ଆମେ ଶ୍ରମିକମାନେ କଠିନ ପରିଶ୍ରମ କରୁଥିଲାବେଳେ ସେମାନେ ଦାନ୍ତଚିପି ହସୁଥାନ୍ତି ଏବଂ ଅଳ୍ପ ଅଳ୍ପ କରି ଆମର ମଜୁରୀ କାଟନ୍ତି । ମାତ୍ର ଏହା ହେଉଛି ଗୋଟିଏ ଲମ୍ବା ରାସ୍ତା ଏଥିରେ କୌଣସି ବାଙ୍କ ନାହିଁ । ସହିବାର ବି ଗୋଟିଏ ସୀମା ଅଛି । ବିଗତ ଗୋଟିଏ ବର୍ଷ ମଧ୍ୟରେ ଋଷିଆର ଶ୍ରମିକମାନେ ସେମାନଙ୍କର ମାଲିକ ମାନଙ୍କୁ ଦେଖାଇ ଦେଇଛନ୍ତି ଯେ ଶ୍ରମିକ ମାନଙ୍କର ଦାସ ଭଳି ବଶ୍ୟତା ସ୍ୱୀକାର ମଧ୍ୟ ଦୁରାରୋଧ୍ୟ, ସାହାସରେ ରୂପାନ୍ତରିତ ହୋଇପାରେ ଏବଂ ଏହି ଶ୍ରମିକମାନେ ବିନା ମଜୁରୀରେ ଶ୍ରମଶକ୍ତି ଲୁଟ୍‌ପାଇଁ ଲାଳାୟିତ ଲୋଭୀ ପୁଞ୍ଜିପତିମାନଙ୍କର ଔଦ୍ଧତ୍ୟ ଓ ନାଲିଆଖି ଆଗରେ ମୁଣ୍ଡ ନୁଆଁଇବେ ନାହିଁ ।

ବିଭିନ୍ନ ସହରରେ ଧର୍ମଘଟ ହୋଇଛି; ୟାରୋସଲାଭେଭ୍, ଟକୋଭା, ଇଭାନୋଭ-ଭୋଜିନେକ୍ସ, ବେଲୋଷ୍ଟକ୍, ଭିଲ୍‌ନା, ମିନ୍ସ୍କ, କିଏଭ, ମସ୍କୋ ଓ ଅନ୍ୟ ସହର ମାନଙ୍କରେ ମଧ୍ୟ ଧର୍ମଘଟ ହୋଇଛି । ସଂଖ୍ୟାଧିକ ଧର୍ମଘଟ ଶ୍ରମିକମାନଙ୍କ ପାଇଁ ସଫଳ ହୋଇଛି, ମାତ୍ର ଏପରିକି ଅସଫଳ ଧର୍ମଘଟ ଗୁଡ଼ିକ ମଧ୍ୟ କେବଳ ଉପର ଠାଉରିଆ ଭାବରେ ଦେଖିଲେ ଅସଫଳ । ବାସ୍ତବରେ ଏହି ଧର୍ମଘଟ ମାଲିକମାନଙ୍କୁ ଭୀଷଣ ଭାବରେ ଭୟଭୀତ କରେ । ସେମାନଙ୍କର ଭୟଙ୍କର କ୍ଷତି ସାଧନ କରେ ଏବଂ ସାନି ଧର୍ମଘଟ ଭୟରେ କିଛି କିଛି ରିହାତି ଦେବାକୁ ସେମାନଙ୍କୁ ବାଧ୍ୟ କରେ । କାରଖାନା ପରିଦର୍ଶକମାନେ ମଧ୍ୟ ପୁଞ୍ଜିପତିମାନଙ୍କର ଆଖିର ଇସାରା ବୁଝିପାରି ଚଳଚଞ୍ଚଳ ହୋଇଯାଆନ୍ତି । ଶ୍ରମିକମାନେ ଧର୍ମଘଟ ପାଇଁ ଡ଼କରା ଦେଇ ସେମାନଙ୍କ ଆଖି ଖୋଲି ନଦେବା ପର୍ଯ୍ୟନ୍ତ ସେମାନେ ଅନ୍ଧ । ବାସ୍ତବରେ ସେତିକିବେଳେହିଁ କାରଖାନା ପରିଦର୍ଶକ ମାନେ ଶ୍ରୀ ଟ୍ରୋନ୍‌ଟନ୍ କିମ୍ବା ଫ୍ୟଟିଲୋଭ କାରଖାନା ଅଂଶଧନର ମାଲିକମାନଙ୍କ ଭଳି ପ୍ରଭାବଶାଳୀ ଲୋକମାନଙ୍କ କାରଖାନାରେ ଚାଲିଥିବା ଅବ୍ୟବସ୍ଥାକୁ ଦେଖିପାରନ୍ତି ।

ସେଣ୍ଟପିଟରସ୍‌ବର୍ଗରେ ମଧ୍ୟ ଆମେ ମାଲିକ ମାନଙ୍କପାଇଁ ଅଡୁଆ ସୃଷ୍ଟି କରିପାରିଛୁ । ଟ୍ରନ୍‌ଟନଙ୍କ କାରଖାନାରେ ବୁଣାକାରମାନଙ୍କର, ଲାଫାର୍ମ ଓ ଲେବେଡ଼େବ କାରଖାନାରେ ସିଗାରେଟ୍ ଶ୍ରମିକମାନଙ୍କର ଧର୍ମଘଟ, ଜୋତା କରାଖାନା ଶ୍ରମିକମାନଙ୍କର ଧର୍ମଘଟ କେଙ୍ଗ ଓ ଭେରାନିଆ କାରଖାନାରେ ଶ୍ରମିକ ଓ ଡ଼କ୍ ଶ୍ରମିକ ମାନଙ୍କର ଆନ୍ଦୋଳନ ଏବଂ ଶେଷରେ ସଂପ୍ରତି ସେଷ୍ଟୋରେଟ୍‌ସ୍କରେ ଦେଖାଦେଇଥିବା ଗୋଳମାଳ ଏହା ପ୍ରମାଣ କରୁଛି ଯେ, ଆମେ ଆଉ ବଶ୍ୟତା ସ୍ୱୀକାରକାରୀ ଶହୀଦ ନୁହେଁ, ଆମେ ଲଢ଼େଇର ମଇଦାନରେ ଅବତୀର୍ଣ୍ଣ ହୋଇସାରିଛୁ । ଏହା ଭଲଭାବରେ ଜଣାଅଛି ଯେ ବହୁ କଳକାରଖାନା ଓ ଦୋକାନର ଶ୍ରମିକମାନେ ସମସ୍ତ ପ୍ରକାର ଅବିଚାର ଓ ଅବ୍ୟବସ୍ଥା ଦୂର କରିବା ତଥା ଆମ ବିବେକହୀନ ଶୋଷକମାନଙ୍କର ନାଲିଆଖି ଓ ଔଧତ୍ୟପୂର୍ଣ୍ଣ ଦମନ ପୀଡ଼ନ ଓ ସେମାନଙ୍କର କବ୍‌ଜାରୁ ସଂପୂର୍ଣ୍ଣ ମୁକ୍ତି ଅର୍ଜନ ଉଦ୍ଦେଶ୍ୟରେ "ୟୁନିୟନ ଅଫ୍ ଷ୍ଟ୍ରଗଲ ଫର ଇମାନ୍‌ସିପେସନ ଅଫ ଦି ଓ୍ୱାର୍କିଂକ୍ଲାସ"କୁ ସଂଗଠିତ କରିଛନ୍ତି । ଏହି 'ୟୁନିୟନ' ପ୍ରଚାରପତ୍ର ବଣ୍ଟନକରେ ଯାହାକୁ ଦେଖି ମାଲିକ ଓ ସେମାନଙ୍କର ପଦଲେହନକାରୀ ଭୃତ୍ୟମାନଙ୍କର ମଞ୍ଜି ଥରିଯାଉଛି, କେବଳ ମାତ୍ର ପ୍ରଚାର ପତ୍ର ହିଁ ସେମାନଙ୍କୁ ଭୟଭୀତ କରୁନାହିଁ, ମାତ୍ର ଆମେ ତାଙ୍କୁ ଏକାଧିକ ଥର ପ୍ରଦର୍ଶନ କରି ସାରିଥିବା ଆମ ସମ୍ମିଳିତ ପ୍ରତିରୋଧର ସମ୍ଭାବନା, ଆମ ଦୁର୍ବାର ଶକ୍ତିର ପ୍ରଦର୍ଶନ ସେମାନଙ୍କୁ ଭୟଭୀତ କରୁଛି । ଆମେ ସେଣ୍ଟପିଟର୍ସବର୍ଗର ଶ୍ରମିକମାନେ ଓ "ୟୁନିୟନ"ର ସଦସ୍ୟମାନେ, ନିଜର ସୁରକ୍ଷାପାଇଁ ସଂଗ୍ରାମ କରିବାପାଇଁ ଶ୍ରମିକମାନଙ୍କୁ ସମ୍ମିଳିତ କରିବାର ମହାନ ଦାୟିତ୍ୱକୁ ଆଗେଇ ନେବା ଉଦ୍ଦେଶ୍ୟରେ ଆମର ଅନ୍ୟାନ୍ୟ ଭାତୃପ୍ରତିମ ଶ୍ରମିକମାନଙ୍କୁ ଆମ "ୟୁନିୟନ" ରେ ଯୋଗଦେବାପାଇଁ ଆମନ୍ତ୍ରଣ କରୁଛୁ । ଆମକୁ ଅଧିନସ୍ଥ କରି ରଖିବାପାଇଁ ପୁଞ୍ଜିପତି ଏବଂ ସରକାର ଯେଉଁ ଶୃଙ୍ଖଳରେ ବାନ୍ଧି ରଖିଛନ୍ତି ସେହି ଶୃଙ୍ଖଳକୁ ଛିନ୍ନ କରିବାପାଇଁ ଋଷିଆର ଶ୍ରମିକମାନଙ୍କ ପକ୍ଷରେ ଉପଯୁକ୍ତ ସମୟ ଉପନୀତ ହୋଇଛି । ଆମ ଭାଇମାନଙ୍କର, ଅନ୍ୟ ଦେଶର ଶ୍ରମିକମାନଙ୍କର ସଂଗ୍ରାମରେ ସାମିଲ ହେବାପାଇଁ ଦୁନିଆର ମଜଦୁର ଏକହୁଅ ଲେଖାଥିବା ଏକ ସାଧାରଣ ପତାକା ତଳେ ସେମାନଙ୍କ ସହିତ କାନ୍ଧକୁ କାନ୍ଧ ମିଶାଇ ଠିଆ ହେବାପାଇଁ ଉପଯୁକ୍ତ ସମୟ ଆସି ପହଞ୍ଚିଛି ।

ଫ୍ରାନ୍ସ, ବ୍ରିଟେନ୍, ଜର୍ମାନୀ ଓ ଅନ୍ୟାନ୍ୟ ଦେଶ ମାନଙ୍କରେ ଯେଉଁଠାରେକି ଶ୍ରମିକମାନେ ଶକ୍ତିଶାଳୀ ୟୁନିୟନରେ ସଂଗଠିତ ହୋଇଛନ୍ତି ଏବଂ ବହୁ ଅଧିକାର ହାସଲ କରିଛନ୍ତି, ସେମାନେ ଏପ୍ରିଲ ୧୯ ତାରିଖକୁ (ବିଦେଶରେ ମଇ ପହିଲା) [ଅକ୍ଟୋବର ବିପ୍ଲବ ପୂର୍ବରୁ ଋଷିଆର କ୍ୟାଲେଣ୍ଡର ପଶ୍ଚିମ ୟୁରୋପର କ୍ୟାଲେଣ୍ଡର ଠାରୁ ୧୩ ଦିନ ପଛୁଆ ଥିଲା] ଏକ ସାଧାରଣ ଶ୍ରମବିରତି ଦିବସ ଭାବରେ ଘୋଷଣା କରିଛନ୍ତି ।

ଶ୍ୱାସରୁଦ୍ଧକାରୀ କଳକାରଖାନାରୁ ବାହାରି ଆସି ସେମାନେ ମାଲିକମାନଙ୍କୁ ସେମାନଙ୍କର କ୍ରମବର୍ଦ୍ଧମାନ କ୍ଷମତାର ଶକ୍ତି ପ୍ରଦର୍ଶିତ କରି ସହରର ମୁଖ୍ୟରାସ୍ତାରେ ବାଦ୍ୟ ଓ ବ୍ୟାନର ହାତରେ ଦୃଢ଼ତାର ସହିତ ଐକ୍ୟବଦ୍ଧ ଭାବରେ ଆଗେଇ ଚାଲିଛନ୍ତି । ସେମାନେ ଅସଂଖ୍ୟ ବଡ଼ବଡ଼ ସଭାରେ ଏକତ୍ରିତ ହୁଅନ୍ତି, ଯେଉଁଠାରେ ପୂର୍ବବର୍ଷ ମାଲିକମାନଙ୍କ ଉପରେ ବିଜୟକୁ ସ୍ମରଣ କରି ଏବଂ ଭବିଷ୍ୟତରେ ସଂଗ୍ରାମର ଯୋଜନାକୁ ସୂଚୀତ କରି ଭାଷଣ ଦିଆଯାଏ ।

ଧର୍ମଘଟ ଭୟରେ ଏହିଦିନ କାମରେ ଅନୁପସ୍ଥିତ ରହିବାପାଇଁ କୌଣସି ଗୋଟିଏ ହେଲେ କାରଖାନା ମାଲିକ ଶ୍ରମିକମାନଙ୍କ ଉପରେ ଜୋରିମାନା ଲାଗୁ କରନ୍ତିନାହିଁ । ଏହିଦିନ ଶ୍ରମିକମାନେ ମଧ୍ୟ ମାଲିକମାନଙ୍କୁ ସେମାନଙ୍କର ମୁଖ୍ୟଦାବିକୁ ସ୍ମରଣ କରାଇଦିଅନ୍ତି– ସେହି ଦାବି ହେଉଛି ୮ ଘଣ୍ଟା କାମ, ୮ ଘଣ୍ଟା ନିଦ୍ରା ଓ ୮ ଘଣ୍ଟା ବିଶ୍ରାମ । ବର୍ତ୍ତମାନ ଅନ୍ୟ ଦେଶର ଶ୍ରମିକମାନେ ମଧ୍ୟ ଏହି ଦାବି ଉତ୍ଥାପନ କରୁଛନ୍ତି । ଖୁବ୍ ଦେଶୀଦିନ ପୂର୍ବରୁ ନୁହେଁ, ଏପରି ଏକ ସମୟଥିଲା ଯେତେବେଳେ କି ସେମାନଙ୍କର ମଧ୍ୟ ବର୍ତ୍ତମାନ ଆମମାନଙ୍କ ଭଳି, ନିଜର ଆବଶ୍ୟକତା ଗୁଡ଼ିକୁ ଉପସ୍ଥାପନ କରିବାର ଅଧିକାର ନଥିଲା । ସେମାନେ ମଧ୍ୟ ଠିକ୍ ବର୍ତ୍ତମାନ ଆମଭଳି ଅଭାବ ଅନଟନରେ ପେଷି ହୋଇଯାଉଥିଲେ ଏବଂ ସେମାନଙ୍କ ମଧ୍ୟରେ ଏକତା ନ ଥିଲା । ମାତ୍ର ଏକନିଷ୍ଠ ଲଢ଼େଇ ଏବଂ ବିଶାଳ ଆତ୍ମତ୍ୟାଗ ପ୍ରତିବଦଳରେ ସେମାନେ ଶ୍ରମିକମାନଙ୍କର ସ୍ୱାର୍ଥ ସଂପର୍କରେ ଆଲୋଚନା କରିବାର ଅଧିକାର ହାସଲ କରିଛନ୍ତି । ଅନ୍ୟାନ୍ୟ ଦେଶମାନଙ୍କର ଶ୍ରମିକ ଭାଇମାନଙ୍କୁ ଆମେ ଆମର ଶୁଭେଚ୍ଛା ପ୍ରେରଣ କରୁଛୁ ଯେପରିକି ସେମାନଙ୍କର ସଂଗ୍ରାମ ଖୁବ୍‌ଶୀଘ୍ର ସେମାନଙ୍କୁ ସେମାନଙ୍କର ଇପ୍‌ସିତ ବିଜୟ ଦିଗରେ, ସେହିଭଳି ଏକ ସମୟ ଆଡକୁ ଆଗେଇ ନେଉ ଯେଉଁଠି ମାଲିକ କିମ୍ବା ଦାସ, ଶ୍ରମିକ କିମ୍ବା ପୁଞ୍ଜିପତି କେହି ନଥିବେ ମାତ୍ର ସମସ୍ତେ ସମାନ ଭାବରେ କାମ କରିବେ ଏବଂ ସମାନ ଭାବରେ ଜୀବନକୁ ଉପଭୋଗ କରିବେ ।

କମରେଡ୍‌ସ୍ ! ଆମେ ଯଦି ଉତ୍ସାହର ସହିତ ଏବଂ ମନପ୍ରାଣ ଦେଇ ସଂଘବଦ୍ଧ ହେବାପାଇଁ ଉଦ୍ୟମ କରୁ, ତେବେ ସେହି ସମୟ ଖୁବ୍ ଦୂରରେ ନାହିଁ ଯେତେବେଳେ ଆମେ ଅମର ସମସ୍ତ ଶକ୍ତିକୁ ଅତ୍ୟନ୍ତ ଦୃଢ଼ଭାବରେ ସଂଗଠିତ କରି ସମଗ୍ର ବିଶ୍ୱର ପୁଞ୍ଜିପତି ମାନଙ୍କ ବିରୁଦ୍ଧରେ ସମସ୍ତ ଦେଶର ଶ୍ରମିକମାନଙ୍କର ଏହି ସାଧାରଣ ଲଢ଼େଇରେ ଜାତି କିମ୍ବା ଧର୍ମର ବାଛବିଚାର ବିନା ଖୋଲାଖୋଲି ଭାବରେ ଯୋଦେବାପାଇଁ ସକ୍ଷମ ହେବୁ । ଶ୍ରମିକମାନଙ୍କର ପେଶୀବହୁଳ ହାତ ଉତ୍ତୋଳିତ ହେବ ଏବଂ ଦାସତ୍ୱର ଘୃଣ୍ୟ ଶୃଙ୍ଖଳ ଛିନ୍ନଭିନ୍ନ ହୋଇଯିବ । ଋଷିଆର ଶ୍ରମିକ ଜାଗ୍ରତ ହେବ, ଏବଂ ପୁଞ୍ଜିପତି ଓ ସରକାର, ଯେଉଁ ସରକାର ସଦାସର୍ବଦା ପୁଞ୍ଜିପତିମାନଙ୍କୁ ଉତ୍ସାହର ସହିତ ସେବା ଓ ସହାୟତା କରେ, ଭୟରେ ଥରହର ହେବ ! – ଏପ୍ରିଲ ୧୯, ୧୮୯୬

## ଭୋଟ ସ୍ୱାର୍ଥରେ ନୁହେଁ, ଲଢୁଆ ଶ୍ରେଣୀ ସଂଗ୍ରାମ ଓ ଗଣଆନ୍ଦୋଳନ ପାଇଁ ଆମେ କାମ ଐକ୍ୟ ଚାହୁଁ

ଆନ୍ଧ୍ରପ୍ରଦେଶର ବିଶାଖାପାଟଣାଠାରେ ୨୦୧୫ମସିହା ଏପ୍ରିଲ ୧୪ ରୁ ୧୮ ପର୍ଯ୍ୟନ୍ତ ସିପିଆଇ(ଏମ୍) ଦଳର ୨୧ ତମ ପାର୍ଟି କଂଗ୍ରେସ ଅନୁଷ୍ଠିତ ହୋଇଥିଲା । ଏହି କଂଗ୍ରେସର ଉଦ୍‌ଘାଟନୀ ଅଧିବେଶନରେ ଅତିଥି ଭାବରେ ଯୋଗଦେବାପାଇଁ ଆମନ୍ତ୍ରିତ ହୋଇ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପାର୍ଟିର ସାଧାରଣ ସମ୍ପାଦକ କମ୍ରେଡ଼ ପ୍ରଭାଷ ଘୋଷ ନିମ୍ନଲିଖିତ ବକ୍ତବ୍ୟ ଉପସ୍ଥାପନ କରିଥିଲେ । ସଂପ୍ରତି ଶେଷ ହୋଇଥିବା ପଶ୍ଚିମବଙ୍ଗ ରାଜ୍ୟ ବିଧାନସଭା ନିର୍ବାଚନ ପରିପ୍ରେକ୍ଷିରେ କମ୍ରେଡ୍ ପ୍ରଭାଷ ଘୋଷଙ୍କ ବ୍ୟକ୍ତବ୍ୟର ଗୁରୁତ୍ୱ ଦୃଷ୍ଟିରୁ ଏହାର ଓଡିଆ ଅନୁବାଦ ସର୍ବହରା କ୍ରାନ୍ତିରେ ପୁନର୍ବାର ପ୍ରକାଶ କରାଯାଇଛି ।

ସଂପାଦକ–ସର୍ବହରା କ୍ରାନ୍ତି

କମ୍ରେଡ଼ ସଭାପତି, ସିପିଆଇ(ଏମ୍) ସାଧାରଣ ସମ୍ପାଦକ କମ୍ରେଡ଼୍ ପ୍ରକାଶ କାରାତ ଓ ସିପିଆଇ(ଏମ୍) ପଲିଟ୍‌ବ୍ୟୁରୋର ସଦସ୍ୟବୃନ୍ଦ, ଅନ୍ୟାନ୍ୟ ବାମପନ୍ଥୀ ଦଳର ନେତୃବୃନ୍ଦ ଓ କମ୍ରେଡ଼୍ ପ୍ରତିନିଧିବୃନ୍ଦ, ଆମଦଳ ସୋସିଆଲିଷ୍ଟ ୟୁନିଟି ସେଣ୍ଟର ଅଫ ଇଣ୍ଡିଆ(କମ୍ୟୁନିଷ୍ଟ) ପକ୍ଷରୁ ଆପଣମାନଙ୍କୁ ଅଭିନନ୍ଦନ ଜ୍ଞାପନ କରୁଛି । ଆପଣଙ୍କ ଦଳର ପାର୍ଟି କଂଗ୍ରେସର ଉଦ୍‌ଘାଟନୀ ଅଧିବେଶନରେ ଆମଦଳକୁ ଆମନ୍ତ୍ରଣ କରିଥିବାରୁ ଆମର ଧନ୍ୟବାଦ ସ୍ୱୀକାର କରନ୍ତୁ ।

କମ୍ରେଡ୍, ଦେଶର ଏକ ଅଭୂତପୂର୍ବ ସଂକଟ ସମୟରେ ଆପଣମାନଙ୍କର ପାର୍ଟି କଂଗ୍ରେସ ଅନୁଷ୍ଠିତ ହେଉଛି । ଦେଶର ବୃହତ୍ତମ ବାମପନ୍ଥୀ ଦଳ ହୋଇଥିବାରୁ ଏହି କଂଗ୍ରେସରେ ଆପଣମାନଙ୍କର ସିଦ୍ଧାନ୍ତ ଏବଂ ପରବର୍ତ୍ତି ସମୟରେ ସେହି ସିର୍ଦ୍ଧାନ୍ତ କାର୍ଯ୍ୟକାରୀ କରାଯିବା ଉପରେ ଦେଶର ବାମପନ୍ଥୀ ଆନ୍ଦୋଳନର ଭବିଷ୍ୟତ ଅନେକଟା ନିର୍ଭର କରେ ।

ଦୀର୍ଘଦିନ ପୂର୍ବରୁ ମହାନ ଲେଲିନ୍ କହିଥିଲେ, ପୁଞ୍ଜିବାଦ ଏକଦା ଗଣତନ୍ତ୍ର ଓ ବ୍ୟକ୍ତି ସ୍ୱାଧିନତା ପ୍ରତି ଦାୟବଦ୍ଧଥିଲା, କିନ୍ତୁ ସାମ୍ରାଜ୍ୟବାଦର ସ୍ତରରେ ପହଞ୍ଚି ତାହା ଅମଲାତନ୍ତ୍ର ଓ ସମରବାଦ ଉପରେ ଅଧିକ ନିର୍ଭରଶୀଳ । ମହାନ ଷ୍ଟାଲିନ୍ ତାଙ୍କର ମୃତ୍ୟୁର କିଛିକାଳ ପୂର୍ବରୁ ସେଭିଏତ୍ କମ୍ୟୁନିଷ୍ଟ ପାର୍ଟିର ୧୯ତମ ସମ୍ମିଳନୀରେ କହିଥିଲେ ଯେ, ବୁର୍ଜୁଆମାନେ ଉଦାର ଗଣତନ୍ତ୍ରର ପତାକାକୁ ଭୂଲୁଣ୍ଠିତ କରିଛନ୍ତି । ଆମେ ବର୍ତ୍ତମାନ ଦେଖୁଛୁ ପାର୍ଲାମେଣ୍ଟାରୀ ଗଣତନ୍ତ୍ର ବାସ୍ତବରେ ନିର୍ଲଜ୍ଜ ଭଣ୍ଡାମୀ ଛଡ଼ା ଆଉ କିଛି ନୁହେଁ । ବହୁପ୍ରଚାରିତ ସ୍ୱାଧିନ, ମୁକ୍ତ ଓ ଅବାଧ ନିର୍ବାଚନ ହେଉଛି ମସ୍ତବଡ଼ ପ୍ରତାରଣା । ଭୋଟର ଫଳାଫଳ ଜନସାଧାରଣ

(ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ)

## ଭୋଟ ସ୍ୱାର୍ଥରେ ନୁହେଁ ....

*୫ମ ପୃଷ୍ଠାର ଅବଶିଷ୍ଟାଂଶ*

ନିର୍ଦ୍ଧାରଣ କରନ୍ତିନାହିଁ, କରନ୍ତି ବୁର୍ଜୁଆମାନେ । ଶାସକ ବୁର୍ଜୁଆମାନେହିଁ ସେମାନଙ୍କର ବିଶ୍ୱସ୍ତ ରାଜନୈତିକ ସେବାଦାସକୁ ବାଛି ନିଅନ୍ତି, ନିର୍ବାଚନ ନାମରେ କୌଣସି ଗୋଟିଏ ସରକାରକୁ କ୍ଷମତାରେ ଅଧିଷ୍ଠିତ କରନ୍ତି, ବାରମ୍ବାର କରନ୍ତି । ପୁଣି ପ୍ରୟୋଜନ ହେଲେ ଗୋଟିଏ ସରକାରକୁ ହଟାଇଦେଇ ଅନ୍ୟ ଗୋଟିଏ ସରକାରକୁ କ୍ଷମତାସୀନ କରନ୍ତି । ବୁର୍ଜୁଆ ଗଣତନ୍ତ୍ରର ଶେଷ ଅବଶିଷ୍ଟାଂଶ ମଧ୍ୟ ଆଜି ଅବଲୁପ୍ତ । ବର୍ତ୍ତମାନ ବିଶ୍ୱର ପ୍ରାୟ ସମସ୍ତ ବିକଶିତ ଓ ପଶ୍ଚାତ୍‌ପଦ ଦେଶରେ ଅନ୍ଧକାରମୟ ଫାସିବାଦ ନାନା ରୂପରେ ଏବଂ ବିଭିନ୍ନ ମାତ୍ରାରେ ବିରାଜମାନ କରୁଛି ।

ଫାସିବାଦର ତିନୋଟି ବୈଶିଷ୍ଟ୍ୟ ପୁଞ୍ଜିର ଠୁଳିକରଣ ବା କ୍ରମବର୍ଦ୍ଧମାନ ଏକଚାଟିଆକରଣ, ଶାସନ ବିଭାଗ ଓ ଅମଲାତନ୍ତ୍ର ହାତରେ କ୍ଷମତାର କେନ୍ଦ୍ରୀକରଣ ଏବଂ ଦେଶର ଜନସାଧାରଣଙ୍କର ଚିନ୍ତାଭାବନା ଓ ସଂସ୍କୃତି କ୍ଷେତ୍ରରେ ଆଧ୍ୟାତ୍ମବାଦ ଓ ବିଜ୍ଞାନର ପ୍ରଯୁକ୍ତିଗତ ଦିଗଗୁଡ଼ିକର ସମ୍ମିଶ୍ରଣ ଘଟାଇ ଯାନ୍ତ୍ରିକ ଓ ଛାଞ୍ଚରେ ପକାଯାଇଥିବା ଚିନ୍ତା ପଦ୍ଧତିର ବିସ୍ତାର । ଫାସିବାଦର ଏହି ସମସ୍ତ ବୈଶିଷ୍ଟ୍ୟହିଁ ଆମ ଦେଶରେ ବିଦ୍ୟମାନ । ଶାସକ ବୁର୍ଜୁଆମାନଙ୍କର ପ୍ରୟୋଜନକୁ ଲକ୍ଷ୍ୟକରି ହିଁ ଗତ ଲୋକସଭା ନିର୍ବାଚନରେ କଂଗ୍ରେସକୁ ହଟାଇ ବିଜେପିକୁ କ୍ଷମତାସୀନ କରାଯାଇଛି । ଗୋଟିଏ ଦିଗରେ ନୃସଂଶ ବୁର୍ଜୁଆ ଆର୍ଥିକ ଶୋଷଣ ଓ ଦାନବୀୟ ରାଜନୈତିକ ନିପୀଡ଼ନ ଅବ୍ୟାହତ ରଖିବା ଓ ତୀବ୍ର କରିବା ପାଇଁ ଏବଂ ଅନ୍ୟ ଦିଗରେ ଦେଶରେ ଫାସିବାଦ ପ୍ରତିଷ୍ଠା ପ୍ରକ୍ରିୟାକୁ ଆହୁରି ତ୍ୱରାନ୍ୱିତ କରିବାପାଇଁ ବିଜେପି ଦାୟବଦ୍ଧ ।

ଆପଣମାନେ ସମ୍ଭବତଃ ଜାଣନ୍ତି ଯେ, ବିଶ୍ୱରେ ଯେଉଁ ସମୟରେ ରୋମାଁରୋଲାଁ, ବାନାର୍ଡ଼ ସ, ରବୀନ୍ଦ୍ରନାଥ ଓ ଅନ୍ୟ ବିଶିଷ୍ଟ ବ୍ୟକ୍ତିତ୍ୱମାନେ ହିଟଲରର ନିନ୍ଦାରେ ମୁଖରଥିଲେ ସେହି ସମୟରେ ଏହି ଭାରତବର୍ଷରେ ସଂଘପରିବାରର ଜଣେ "ଗୁରୁଜୀ" ବା ପ୍ରଥପ୍ରଦର୍ଶକ ଏମ୍‌ଏସ୍ ଗୋଲୱାଲକର ହିଟଲରର ପ୍ରଶଂସାରେ ଶତମୁଖ ହୋଇ କହିଲେ ଯେ, ଇହୁଦୀମାନଙ୍କୁ ବିତାଡ଼ିତକରି ଓ ଜର୍ମାନ ଜାତିକୁ ବିଶୁଦ୍ଧକରି ଭାରତରେ ହିନ୍ଦୁମାନଙ୍କୁ ବିଶୁଦ୍ଧ କରିବାର ରାସ୍ତା ହିଟଲରହିଁ ପ୍ରଦର୍ଶନ କରିଛନ୍ତି । ସେ ଭାରତର ନବଜାଗରଣ ଓ ସ୍ୱାଧିନତା ଆନ୍ଦୋଳନର ବିରୁଦ୍ଧତା କରିଥିଲେ, ଯେହେତୁ ତାହା ହିନ୍ଦୁ ଜାତୀୟତାର ଭିତ୍ତିରେ ସଂଗ୍ରାମ ନ ଥିଲା ଏବଂ କେବଳମାତ୍ର ବ୍ରିଟିସ ସାମ୍ରାଜ୍ୟବାଦ ବିରୁଦ୍ଧରେ ପରିଚାଳିତ ହେଉଥିଲା ।

ବିଜେପି ଏହି ଐତିହ୍ୟରହିଁ ଉତ୍ତରାଧିକାରୀ, ଆଦର୍ଶ ଓ ସଂସ୍କୃତି କ୍ଷେତ୍ରରେ ବିଜେପି ଭୟାନକ ଆକ୍ରମଣ ଚଲାଇଛି । ପ୍ରାଚୀନ ମଧ୍ୟଯୁଗୀୟ ଧର୍ମୀୟ ଧ୍ୟାନଧାରଣା ଓ ସଂସ୍କୃତିକୁ ସେମାନେ ଉସ୍‌କାନୀ ଦେଉଛନ୍ତି, ପ୍ରୋତ୍ସାହିତ କରୁଛନ୍ତି । ସେମାନେ ହାସ୍ୟାସ୍ପଦ ଦାବି କରୁଛନ୍ତି, ଆଧୁନିକ ବିଜ୍ଞାନଦ୍ୱାରା ଆବିଷ୍କୃତ ସମସ୍ତ ସତ୍ୟହିଁ କୁଆଡ଼େ ପ୍ରାଚୀନ ହିନ୍ଦୁ ଭାରତରେ ଆବିଷ୍କୃତ ହୋଇଥିଲା । ସେମାନେ ବିଜ୍ଞାନ ପରିବର୍ତ୍ତେ ପୌରାଣିକ କାହାଣୀକୁ ସତ୍ୟ ଭାବରେ ଗ୍ରହଣ କରୁଛନ୍ତି, ଇତିହାସକୁ ବିକୃତ କରୁଛନ୍ତି ଓ ସେହି ଅନୁଯାୟୀ ସ୍କୁଲ ପାଠ୍ୟପୁସ୍ତକ ଓ ପାଠ୍ୟକ୍ରମ ନୂଆକରି ଲେଖୁଛନ୍ତି । ଯାହାର ଉଦ୍ଦେଶ୍ୟ ହେଉଛି ଉଗ୍ର ହିନ୍ଦୁତ୍ୱ ଓ ପ୍ରାଚୀନ ଐତିହ୍ୟବାଦକୁ ଉସ୍‌କେଇବା, ବିଜ୍ଞାନ ସମ୍ମତ ମାନସିକତା ଓ ଯୁକ୍ତିବୋଧକୁ ଧ୍ୱଂସ କରି ଅନ୍ଧବିଶ୍ୱାସକୁ ପ୍ରୋତ୍ସାହିତ କରିବା । ଏହା ଏକ ଭୟଙ୍କର ଆକ୍ରମଣ । ଗୋଟିଏ ଦିଗରେ ସେମାନେ ସାଂପ୍ରଦାୟିକ ଦଙ୍ଗାରେ ସହାୟତା କରୁଛନ୍ତି ଏବଂ ନିଜେ ମଧ ଦଙ୍ଗା ଲଗାଇ ଦେଉଛନ୍ତି ଯାହାଦ୍ୱାରା କି ଶୋଷିତ ଜନସାଧାରଣଙ୍କୁ ଧର୍ମୀୟ ବିଶ୍ୱାସର ଭିତ୍ତିରେ ବିଭକ୍ତ କରିଦେଇ ଗଣ ଆନ୍ଦୋଳନ ଗଡ଼ିତୋଳିବାର କ୍ଷେତ୍ରରେ ବାଧା ସୃଷ୍ଟି କରାଯାଇପାରିବ ଏବଂ ଏହାସହିତ ହିନ୍ଦୁ ଭୋଟବ୍ୟାଙ୍କ ମଧ୍ୟ ସୃଷ୍ଟି କରାଯାଇପାରିବ । ଏହା ହେଉଛି ସେମାନଙ୍କ ଘୃଣ୍ୟ ପରିକଳ୍ପନା ।

ପୁଞ୍ଜିବାଦର ସ୍ୱାର୍ଥରେ ସେମାନେ ସଂସ୍କୃତି କ୍ଷେତ୍ରରେ ମଧ ଭୟାବହ ଆକ୍ରମଣ ଚଳାଇ ସମସ୍ତ ପ୍ରକାର ମାନବୀୟ ମୂଲ୍ୟବୋଧ ଓ ନୀତିନୈତିକତାକୁ ଧ୍ୱଂସ କରୁଛନ୍ତି । ସେମାନେ ତରୁଣ ପିଢ଼ୀର ନୈତିକ ମେରୁଦଣ୍ଡକୁ ଭାଙ୍ଗିଦେଉଛନ୍ତି । ବର୍ତ୍ତମାନ ଦେଶରେ ମହିଳା ମାନଙ୍କ ପ୍ରତି ବୃଦ୍ଧି ପାଉଥିବା ଅଶାଳୀନ ଆଚରଣ, ଧର୍ଷଣ, ଗଣଧର୍ଷଣ ଓ ହତ୍ୟା, ଏପରିକି ଶିଶୁକନ୍ୟା ଓ ବୃଦ୍ଧା ରମଣୀମାନଙ୍କର ଧର୍ଷଣ ଭୟାବହ ଭାବରେ ଦ୍ରୁତ ବୃଦ୍ଧିପାଇବା କୌଣସି ଏକ ଆକସ୍ମିକ ଘଟଣା ନୁହେଁ । ଏହା କ'ଣ ଆମର ସେହି ଦେଶ, ଯେଉଁଠି ଦିନେ ରାମମୋହନ, ବିଦ୍ୟାସାଗର, ଜ୍ୟୋତିବାରାଓ ଫୁଲେ, ରବିନ୍ଦ୍ରନାଥ, ଶରତଚନ୍ଦ୍ର, ପ୍ରେମଚାନ୍ଦ, ସୁବ୍ରମନ୍ୟମ ଭାରତୀ ଜନ୍ମଗ୍ରହଣ କରିଥିଲେ ? ଦେଶକୁ ସଂପୂର୍ଣ୍ଣ ଧ୍ୱଂସ କରାଯାଇଛି । ଆମ ଦେଶର ଇତିହାସରେ ଏହା ହେଉଛି ସବୁଠାରୁ ଅନ୍ଧକାରମୟ ସମୟ ।




ଏହା ମଧ ଉଲ୍ଲେଖଯୋଗ୍ୟ ଯେ ଭାରତୀୟ ରାଷ୍ଟ୍ର ଗୋଟିଏ ଉଦୀୟମାନ ସାମ୍ରାଜ୍ୟବାଦୀ ଶକ୍ତି ଭାବରେ ଦକ୍ଷିଣ ଏସିଆ, ଭାରତ ମହାସାଗରୀୟ ରାଷ୍ଟ୍ର ସମୂହ, ଆଫ୍ରିକା ଓ ଅନ୍ୟାନ୍ୟ ଦେଶରେ ଆହୁରି ଅଧିକ ଲଗ୍ନିପୁଞ୍ଜି ଓ ପଣ୍ୟରପ୍ତାନୀ ଉଦ୍ଦେଶ୍ୟରେ ମାର୍କିନ ସାମ୍ରାଜ୍ୟବାଦ ସହିତ ହାତ ମିଶାଇଛି । ଆମେରିକା ସହିତ ଅର୍ଥନୈତିକ-ରାଜନୈତିକ ସାମରିକ ସଂପର୍କ ଆହୁରି ଘନିଷ୍ଟ କରୁଛି । ପୁଣି ଆମେରିକା ସହିତ ଦର କସାକସିର କ୍ଷମତା ବୃଦ୍ଧି କରିବାପାଇଁ 'ବ୍ରିକ୍ସ' ମେଣ୍ଟର ସଦସ୍ୟ ହୋଇଛି । ସୁତରାଂ, ଆଜି ଭାରତର ଶାସକଶ୍ରେଣୀ ଓ ମାର୍କିନ ସାମ୍ରାଜ୍ୟବାଦ ବିରୁଦ୍ଧରେ ଦୀର୍ଘସ୍ଥାୟୀ, ଲଢୁଆ ବାମ ଓ ଗଣତାନ୍ତ୍ରିକ ଆନ୍ଦୋଳନ ଗଡ଼ିତୋଳିବା ଏବଂ ଏହାର ପାଖାପାଖି ଆର୍‌ଏସ୍‌ଏସ୍-ବିଜେପିର ଭୟାବହ ଆଦର୍ଶଗତ ସାଂସ୍କୃତିକ ଆକ୍ରମଣ ବିରୁଦ୍ଧରେ ଶକ୍ତିଶାଳୀ ଆଦର୍ଶଗତ ସଂଗ୍ରାମ ଚଳାଇଯିବାପାଇଁ ପରିସ୍ଥିତି ଦାବି କରୁଛି ।

ବାମପନ୍ଥୀମାନଙ୍କ ଐକ୍ୟ ପ୍ରଶ୍ନରେ ମୁଁ କମ୍ରେଡ଼ ପ୍ରକାଶ କରାତଙ୍କ ସହିତ ଏକମତ । ମାତ୍ର ଏହି ପ୍ରସଙ୍ଗରେ ଗୋଟିଏ ପ୍ରଶ୍ନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଯାହା ମୁଁ ସିପିଆଇର କଂଗ୍ରେସରେ ମଧ ଉପସ୍ଥାପନ କରିଥିଲି । କେଉଁମାନେ ବାମପନ୍ଥୀ, ସିକୁଲାର ବା ଧର୍ମନିରପେକ୍ଷ, କେଉଁମାନେ ଗଣତାନ୍ତ୍ରିକ ? ଏହି ବିଷୟରେ ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ବିଭ୍ରାନ୍ତ ରହିଛି । ଏ ସଂପର୍କରେ ବୁଝାମଣା କ୍ଷେତ୍ରରେ କୌଣସି ଉପର ଠାଉରିଆ ଧାରଣା ବା ବୁଝାମଣା ଚାଲିପାରିବ ନାହିଁ । ମାର୍କ୍ସବାଦ ସଂପର୍କରେ ଉପଲବ୍ଧି ଓ ତାର ପ୍ରୟୋଗକୁ ନେଇ ମୌଳିକ ପାର୍ଥ୍ୟକ୍ୟ ରହିଥିଲେ ମଧ ଯେଉଁସବୁ ଦଳ ନିଜକୁ ମାର୍କ୍ସବାଦୀ ଭାବରେ ଗଣ୍ୟ କରନ୍ତି ସେମାନଙ୍କୁ ହିଁ ବାମପନ୍ଥୀ ଦଳ ବୋଲି ଧରି ନେବାକୁ ହେବ । କଂଗ୍ରେସ ଓ ଅନ୍ୟାନ୍ୟ ଆଞ୍ଚଳିକ, ପ୍ରାଦେଶିକତାବାଦୀ, ଜାତିବାଦୀ ଦଳ ଓ ଗୋଷ୍ଠିଗୁଡ଼ିକ ନିର୍ବାଚନରେ ବିଜେପିର ବିରୋଧିତା କରନ୍ତି, କିନ୍ତୁ କେବଳମାତ୍ର ସେହିକାରଣରୁ ହିଁ ସେହିସବୁ ଦଳଗୁଡ଼ିକ ସିକ୍ୟୁଲାର ବା ଧର୍ମନିରପେକ୍ଷରେ ପରିଣତ ହୁଅନ୍ତି ନାହିଁ । ଧର୍ମ ନିରପେକ୍ଷତାର ଧାରଣା ୟୁରୋପରୁ, ବିଶେଷତଃ, ୟୁରୋପୀୟ ନବଜାଗରଣ ତଥା ବୁର୍ଜୁଆ ଗଣତାନ୍ତ୍ରିକ ବିପ୍ଲବରୁ ଆସିଥିଲା । ଦର୍ଶନଗତ ଭାବରେ ଧର୍ମନିରପେକ୍ଷତାର ଅର୍ଥ ହେଉଛି କୌଣସି ପ୍ରକାରର ଅତିପ୍ରାକୃତିକ ସତ୍ତାର ଅସ୍ୱୀକୃତି ଓ କେବଳ ପ୍ରକୃତି ଓ ବସ୍ତୁମୟ ବିଶ୍ୱର ସ୍ୱୀକୃତି । ରାଜନୈତିକ ଦିଗରୁ ବିଚାର କଲେ ଧର୍ମ ନିରପେକ୍ଷତାର ଅର୍ଥ ହେଉଛି ରାଷ୍ଟ୍ର ପରିଚାଳନା, ରାଜନୈତିକ କ୍ରିୟାକଳାପ, ସଂସ୍କୃତି ଓ ଶିକ୍ଷାକ୍ଷେତ୍ରକୁ ସଂପୂର୍ଣ୍ଣ ଧର୍ମୀୟ ପ୍ରଭାବ ମୁକ୍ତ ରଖିବା । ରାଷ୍ଟ୍ର କୌଣସି ଧର୍ମକୁ ଯେଭଳି ପ୍ରୋତ୍ସାହିତ କରିବନାହିଁ ସେହିଭଳି ବ୍ୟକ୍ତିର ଧର୍ମଚର୍ଚ୍ଚା କ୍ଷେତ୍ରରେ ହସ୍ତକ୍ଷେପ ମଧ କରିବ ନାହିଁ । ଧର୍ମ ବ୍ୟକ୍ତିର ନିଜସ୍ୱ ବିଶ୍ୱାସ ହିସାବରେ ରହିବ । ଆମର ସ୍ୱାଧିନତା ଆନ୍ଦୋଳନ ସମୟରେ ବିପ୍ଳବଭୀତ ଜାତୀୟ ବୁର୍ଜୁଆମାନେ କେବଳ ବ୍ରିଟିସ ସାମ୍ରାଜ୍ୟବାଦୀମାନଙ୍କ ସହିତ ରାଜନୈତିକ କ୍ଷେତ୍ରରେ ଆପୋଷ କରିନଥିଲେ, ମତାଦର୍ଶଗତ ଓ ସାଂସ୍କୃତିକ ଦିଗରୁ ଧର୍ମ ସହିତ ମଧ ଆପୋଷ କରିଥିଲେ ଏବଂ ସମସ୍ତ ଧର୍ମକୁ ପ୍ରୋତ୍ସାହିତ କରିବାକୁ ହିଁ ଧର୍ମନିରପେକ୍ଷତା ଭାବରେ ପ୍ରଚାର କରିଥିଲେ, ଯାହା ବାସ୍ତବରେ ହେଉଛି ନକଲି ଧର୍ମନିରପେକ୍ଷତା । ଗଣତାନ୍ତ୍ରିକ ଦଳ କହିଲେ ସେହି ଦଳମାନଙ୍କୁ ବୁଝାଏ ଯେଉଁଦଳ ଗୁଡ଼ିକ ଧର୍ମନିରପେକ୍ଷ, ଗଣତାନ୍ତ୍ରିକ ମୂଲ୍ୟବୋଧ ଆଧାରରେ ରାଜନୀତି କରନ୍ତି, ସାମ୍ପ୍ରଦାୟିକତା, ଜାତି ଧର୍ମ ଓ ପ୍ରାଦେଶିକ ସଂକୀର୍ଣ୍ଣତା ବିରୁଦ୍ଧରେ ଲଢ଼େଇ କରନ୍ତି; ନିରବିଚ୍ଛିନ୍ନ ଭାବରେ ସାମ୍ରାଜ୍ୟବାଦର ବିରୁଦ୍ଧତା କରନ୍ତି ଓ ବାମପନ୍ଥାକୁ ସମର୍ଥନ କରନ୍ତି ଏବଂ ସରକାରରେ ଥାଆନ୍ତୁ ବା ନଥାନ୍ତୁ ମେହେନତୀ ମଣିଷର ଗଣତାନ୍ତ୍ରିକ ଆନ୍ଦୋଳନଗୁଡ଼ିକୁ ଉତ୍ସାହିତ କରନ୍ତି । ବାମ ଗଣତାନ୍ତ୍ରିକ ଐକ୍ୟ ନାମରେ କେବଳ ମାତ୍ର ନିର୍ବାଚନୀ ସ୍ୱାର୍ଥ ଚରିତାର୍ଥ କରିବାପାଇଁ କୌଣସି ରକମର ଖେଚୁଡ଼ି ମେଣ୍ଟ ଚାଲିପାରିବ ନାହିଁ ।

ବାମପନ୍ଥୀ ଆନ୍ଦୋଳନର ସେହି ଗୌରବମୟ ଅଧ୍ୟାୟ କଥା ମୋର ମନେପଡୁଛି, ସ୍ୱାଧିନତା ପରେ ପରେ ହିଁ ଯାହା ଆମଦେଶରେ ଦେଖିବାକୁ ମିଳିଥିଲା । ସେହି ସମୟରେ ବାମପନ୍ଥୀ ଆନ୍ଦୋଳନରେ ଅନେକ ଲୋକ ରକ୍ତ ଦେଇଥିଲେ, ଅନେକ ଲୋକ ପ୍ରାଣ ଦେଇଥିଲେ । ସେହି ସମୟରେ ଏକମାତ୍ର ବାମପନ୍ଥୀମାନଙ୍କୁ ହିଁ କଂଗ୍ରେସର ବିକଳ୍ପ ଭାବରେ ଚିନ୍ତାକରାଯାଇଥିଲା । ସ୍ୱାଧିନତା ଆନ୍ଦୋଳନର ଅଭ୍ୟନ୍ତରରୁ ହିଁ ବାମପନ୍ଥୀ ଧାରା ଏବଂ ମହାନ ଷ୍ଟାଲିନ୍ ଓ ମହାନ ମାଓ-ସେତୁଙ୍ଗଙ୍କର ନେତୃତ୍ୱରେ ଶକ୍ତିଶାଳୀ ବିଶ୍ୱ ସାମ୍ୟବାଦୀ ଆନ୍ଦୋଳନର ଅଗ୍ରଯାତ୍ରାରୁ ଶକ୍ତିପାଇ ଏ ଦେଶରେ ବାମପନ୍ଥୀ ଆନ୍ଦୋଳନ ବିକାଶଲାଭ କରିଥିଲା । କିନ୍ତୁ ଗୋଟିଏ ଦିଗରେ ଆମଦେଶରେ ବାମପନ୍ଥୀମାନେ ଗୋଟିଏ ପରେ ଗୋଟିଏ ଗୁରୁତର ବିଚ୍ୟୁତି ଓ ମାରାତ୍ମକ ଭୁଲ କରିଛନ୍ତି ଯାହା ଜନସାଧାରଣଙ୍କ ମଧ୍ୟରେ ବାମପନ୍ଥୀମାନଙ୍କ ସଂପର୍କରେ ଅବିଶ୍ୱାସ ଓ ବିଭ୍ରାନ୍ତି ସୃଷ୍ଟି କରିଛି । ଅନ୍ୟଦିଗରେ ଆନ୍ତର୍ଜାତିକ କ୍ଷେତ୍ରରେ ବୁର୍ଜୁଆମାନଙ୍କର ଏଜେଣ୍ଟ ହିସାବରେ ସଂଶୋଧନବାଦୀମାନେ ଷ୍ଟାଲିନ୍‌ଙ୍କୁ ଆକ୍ରମଣ କରି କେବଳ ଷ୍ଟାଲିନ୍‌ଙ୍କର ଅଥରିଟିକୁ ନୁହେଁ ଲେଲିନ୍‌ଙ୍କର ଅଥରିଟିକୁ ମଧ ଛୋଟ କରିବା ଦ୍ୱାରା ପୁଞ୍ଜିବାଦର ପୁନରୁତ୍ଥାନ ପାଇଁ କ୍ଷେତ୍ର ପ୍ରସ୍ତୁତ କରି ସମାଜତନ୍ତ୍ରକୁ ଧ୍ୱଂସ କରିଛନ୍ତି ।

କିନ୍ତୁ ଆନନ୍ଦର କଥା ସୋଭିଏତ୍ ୟୁନିୟନ ଓ ପୂର୍ବ ୟୁରୋପୀୟ ଦେଶମାନଙ୍କରେ ହଜାର ହଜାର ଲୋକ ପୁନର୍ବାର ଲେଲିନ୍-ଷ୍ଟାଲିନ୍‌ଙ୍କ ଛବି ହାତରେ ଧରି ରାସ୍ତାକୁ ଓହ୍ଲାଇଛନ୍ତି, ସମାଜତନ୍ତ୍ର ଫେରାଇ ଆଣିବାପାଇଁ ଦାବି କରୁଛନ୍ତି । ଏହାର ପାଖାପାଖି ଏକଥା ମଧ ଲକ୍ଷଣୀୟ ଯେ ପୁଞ୍ଜିବାଦର ସଂକଟ ଦୂରକରିବା ଉଦ୍ଦେଶ୍ୟରେ ଯେଉଁ ଜଗତିକରଣ ସ୍କିମ୍ ଚାଲୁ କରାଯାଇଥିଲା, ତାହା ସଂକଟ ଦୂର କରିବା ପରିବର୍ତ୍ତେ ବିଶ୍ୱବ୍ୟାପୀ ପୁଞ୍ଜିବାଦୀ ସଂକଟକୁ ଆହୁରି ତୀବ୍ର କରିଛି ।

ବିଶ୍ୱ ସାମ୍ରାଜ୍ୟବାଦ-ପୁଞ୍ଜିବାଦ ପ୍ରାୟ ଏକ ଦଶକରୁ ମଧ ଅଧିକ ସମୟ ଧରି ମାନ୍ଦାରେ ନିମଜ୍ଜିତ ହୋଇ ରହିଛି, ମୃତପ୍ରାୟ ପୁଞ୍ଜିବାଦକୁ ବର୍ତ୍ତମାନ ଭେଣ୍ଟିଲେଟରରେ ରଖାଯାଇଛି ବୋଲି କୁହାଯାଇପାରେ । ଏଭଳି କୌଣସି ଔଷଧ ନାହିଁ ଯାହା ପୁଞ୍ଜିବାଦକୁ

*(ଅବଶିଷ୍ଟାଂଶ ୭ମ ପୃଷ୍ଠାରେ)*

## ଭୋଟ ସ୍ୱାର୍ଥରେ ନୁହେଁ ....

*୬ଷ୍ଠ ପୃଷ୍ଠାର ଅବଶିଷ୍ଟାଂଶ*

ରକ୍ଷା କରିପାରିବ । ବଜାର ଅର୍ଥନୀତି ଆଜି ଉତ୍ତୋରୋତ୍ତର ବଜାର ସଂକଟର ସମ୍ମୁଖୀନ । ଜନସାଧାରଣଙ୍କର କ୍ଷୋଭ ମଧ୍ୟ ନଜର ବିହୀନ ଭାବରେ ଫାଟି ପଡୁଛି । ଆମେରିକା, ୟୁରୋପ ସମେତ ସବୁ ଦେଶରେ ହିଁ ଗଣଆନ୍ଦୋଳନର ଢ଼େଉ ଅଜାଡ଼ି ହୋଇପଡୁଛି । ଜନସାଧାରଣ ନେତୃତ୍ୱର ସଂଧାନ କରୁଛନ୍ତି । ବିପ୍ଳବର ବାସ୍ତବ ଜମି ବା ଅବ୍‌ଜେକ୍‌ଟିଭ୍ କଣ୍ଡିସନ ପ୍ରସ୍ତୁତ । ସବ୍‌ଜେକ୍‌ଟିଭ୍ କଣ୍ଡିସନ୍ ଅର୍ଥାତ୍ ମାର୍କ୍ସ-ଏଙ୍ଗେଲ୍ସ-ଲେଲିନ୍-ଷ୍ଟାଲିନ୍-ମାଓସେତୁଙ୍ଗଙ୍କର ବିପ୍ଳବୀ ଶିକ୍ଷାରେ ବଳୀୟାନ ସର୍ବହରା ଶ୍ରେଣୀର ଦଳ ଦେଶେ ଦେଶେ ଏପର୍ଯ୍ୟନ୍ତ ମଧ ଅନୁପସ୍ଥିତ । ଶ୍ରୀଘ୍ର ହେଉ ବା ସାମାନ୍ୟ ବିଳମ୍ବରେ ହେଉ ଇତିହାସର ନିୟମରେ ହିଁ ଏହି ଧରଣର ଶକ୍ତିଶାଳୀ ଦଳର ଅଭ୍ୟୁତ୍ଥାନ ନିଶ୍ଚିତ ଭାବରେ ଘଟିବ ।

କମ୍ରେଡ଼ସ୍, ଆମଦେଶରେ ରାଜନୈତିକ ସଂକଟ ଯାହାଥିଲେ ମଧ ସାଧାରଣ ମଣିଷର ବିକ୍ଷୋଭର ସ୍ଫୁଲିଙ୍ଗ ଚାରିଦିଗରେ ହିଁ ଦେଖିବାକୁ ମିଳୁଛି, ଏଠି ସେଠି ସ୍ୱତଃସ୍ଫୁର୍ତ୍ତ ଗଣବିକ୍ଷୋଭ ଫାଟି ମଧ ପଡୁଛି । ଆଜିର ପ୍ରୟୋଜନ ହେଉଛି ନେତୃତ୍ୱର । ଯେଉଁ ନେତୃତ୍ୱ ଏହି ଆନ୍ଦୋଳନଗୁଡ଼ିକୁ ପରିଚାଳନା କରି ଏହାର ଯୁକ୍ତିସଂଗତ ପରିଣତିରେ ପହଞ୍ଚାଇ ଦେଇପାରେ । କେଉଁମାନେ ସେହି ନେତୃତ୍ୱ ଦେଇପାରିବେ ? ଯୌଥଭାବରେ ବାମପନ୍ଥୀମାନେହିଁ କେବଳମାତ୍ର ଏହି ଦାୟିତ୍ୱ ପାଳନ କରିପାରିବେ । ସଂଗ୍ରାମୀ ଆଦର୍ଶ ଓ ଉନ୍ନତ ନୈତିକତା ଦ୍ୱାରା ହିଁ ଆନ୍ଦୋଳନଗୁଡ଼ିକୁ ପରିଚାଳନା କରିବାକୁ ହେବ ।

ଆମ ଦଳ ଅତୀତରେ ଐକବଦ୍ଧ ବାମପନ୍ଥୀ ଆନ୍ଦୋଳନ ପକ୍ଷରେ ସଂପୂର୍ଣ୍ଣ ଭାବରେ ଥିଲା । ଆଜି ମଧ ରହିଛି । ଅତୀତରେ ଆପଣମାନେ ଓ ଆମେ ଐକ୍ୟବଦ୍ଧ ବାମଆନ୍ଦୋଳନରେ ଏକତ୍ର ଥିଲୁ । କିନ୍ତୁ ୧୯୭୪ ମସିହାଠାରୁ ଆପଣଙ୍କ ଦଳ ସହିତ ଆମର ଐକ୍ୟ ନାହିଁ । ଆପଣଙ୍କ ଦଳ ଯେତେବେଳେ ପଶ୍ଚିମବଙ୍ଗ ଓ କେରଳରେ ସରକାରରେ ଥିଲା ସେତେବେଳେ ଆମ ସହିତ ମତପାର୍ଥକ୍ୟ ଥିଲା ଏବଂ ଜନସାଧାରଣଙ୍କ ଜ୍ୱଳନ୍ତ ଇସ୍ୟୁ ଗୁଡ଼ିକୁ ନେଇ ଆମେ ଆନ୍ଦୋଳନ ମଧ ସଂଗଠିତ କରିଛୁ । ଆମର ସଂପର୍କ ତିକ୍ତ ହୋଇଥିଲା । ବହୁ ଦୁଃଖଜନକ ଘଟଣା ମଧ ଘଟିଥିଲା । ତେବେ ସେହି ସମୟରେ ମଧ ଆମେମାନେ ସର୍ବଭାରତୀୟ ସ୍ତରରେ ଓ ଅନ୍ୟାନ୍ୟ ରାଜ୍ୟରେ ବାମଐକ୍ୟ ଗଢ଼ିତୋଳିବାପାଇଁ ଚେଷ୍ଟା କରିଥିଲୁ, କିନ୍ତୁ ଏହା ସଫଳ ହୋଇନାହିଁ । ବର୍ତ୍ତମାନ ସେହି ଅଧାୟ ଅତିକ୍ରାନ୍ତ । ଯୁକ୍ତ ବାମପନ୍ଥୀ ଆନ୍ଦୋଳନର ଆବେଦନ ନେଇ କମ୍ରେଡ଼ ପ୍ରକାଶ କରାତ ଯେଉଁଭଳି ଭାବରେ ଆମ ସହିତ କଥାବାର୍ତ୍ତା କରିବାପାଇଁ କଲିକତା ଯିବାର କଷ୍ଟ ସ୍ୱୀକାର କରିଥିଲେ, ସେଥିପାଇଁ ମୁଁ ତାଙ୍କୁ ଧନ୍ୟବାଦ ଜଣାଉଛି । ଆମେ ମଧ ଇସ୍ୟୁ ଭିତ୍ତିକ ଯୁକ୍ତ ଆନ୍ଦୋଳନ ପାଇଁ ଆନ୍ତରିକ ଭାବରେ ଇଚ୍ଛା ପ୍ରକାଶ କରିଛୁ । ଆମେ ଐକ୍ୟ ଚାହୁଁ, ଭୋଟ୍‌ରେ ସୁବିଧା ପାଇବାପାଇଁ ନୁହେଁ, ଲଢୁଆ ଶ୍ରେଣୀ ସଂଗ୍ରାମ ଓ ଗଣସଂଗ୍ରାମ ଗଢ଼ିତୋଳିବା ପାଇଁ ଐକ୍ୟ ଚାହୁଁ । ଐକ୍ୟ ମଧରେ ଆବଶ୍ୟହିଁ ଆଦର୍ଶଗତ ପାର୍ଥକ୍ୟ ରହିବ ଏବଂ ତାକୁ କେନ୍ଦ୍ର କରି ଆଦର୍ଶଗତ ସଂଗ୍ରାମ ମଧ ହେବ । ତେବେ ତାହା ଐକ୍ୟ ଓ ଆନ୍ଦୋଳନକୁ ଶକ୍ତିଶାଳୀ କରିବାପାଇଁ ଉଦ୍ଦିଷ୍ଟ, ଦୁର୍ବଳ କରିବାପାଇଁ ନୁହେଁ । ଉନ୍ନତ ଆଦର୍ଶ ଓ ସଂସ୍କୃତିର ଆଧାରରେ ଶ୍ରମଜୀବୀ ଜନସାଧାରଣଙ୍କର ଲଢୁଆ ଶ୍ରେଣୀ ସଂଗ୍ରାମ ଓ ଗଣସଂଗ୍ରାମହିଁ ଆଜିର ଚାହିଦା ।

ଶେଷ କରିବା ପୂର୍ବରୁ ମୁଁ ମହାନ ଲେଲିନ୍‌ଙ୍କୁ ସ୍ମରଣ କରାଇଦେଇ କହିବାକୁ ଚାହେଁ, ଗୋଟିଏ ସର୍ବହରା ଦଳର ଶକ୍ତି ଏହାର ଲୋକସଭା ସଦସ୍ୟ ସଂଖ୍ୟା ମଧରେ ନିହିତ ନ ଥାଏ, ତା' ଏକମାତ୍ର ନିହିତ ଥାଏ ଶ୍ରେଣୀ ସଂଗ୍ରାମ ଓ ଗଣସଂଗ୍ରାମର ଦାବାନଳ ମଧରେ । ଆପଣମାନଙ୍କୁ ସମସ୍ତଙ୍କୁ ଲାଲ ସଲାମ୍ ।

ଏପ୍ରିଲ ୨୦୧୫ — ମାର୍କ୍ସବାଦ-ଲେଲିନବାଦ ଜିନ୍ଦାବାଦ
ସର୍ବହରା ଆନ୍ତର୍ଜାତିକତାବାଦ ଜିନ୍ଦାବାଦ

## ଲାକ୍ଷାଦ୍ୱୀପରେ ପ୍ରସ୍ତାବିତ ଜନବିରୋଧି ବିଲ୍‌ଗୁଡିକୁ ତୁରନ୍ତ ପ୍ରତ୍ୟାହାର କରିବାପାଇଁ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ)ର ଦାବି



ଉପରୋକ୍ତ ପ୍ରସଙ୍ଗରେ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ସାଧାରଣ ସଂପାଦକ ପ୍ରଭାସ ଘୋଷ ଏକ ବିବୃତ୍ତରେ କହିଛନ୍ତି ଯେ - ଗୁଜୁରାଟର ଜନୈକ ପୂର୍ବତନ ବିଧାୟକ, ପୂର୍ବତନ ଗୃହମନ୍ତ୍ରୀ ଏବଂ ବର୍ତ୍ତମାନ ଲାକ୍ଷାଦ୍ୱୀପର ପ୍ରଶାସକ ଶ୍ରୀ ପ୍ରଫୁଲ ଖେଡା ପଟେଲଙ୍କ ଦ୍ୱାରା ପ୍ରସ୍ତାବିତ ଅତ୍ୟନ୍ତ ଜନବିରୋଧି ଓ ଅଗଣତାନ୍ତ୍ରିକ ବିଲ୍‌କୁ ଆମେ ଦୃଢତାର ସହିତ ନିନ୍ଦା କରୁଛୁ । ଅପରୂପ ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର ଏବଂ ୩୬ଟି ଦ୍ୱୀପକୁ ନେଇ ଗଠିତ ଏହି ଦ୍ୱୀପପୁଞ୍ଜ ତଥା କେନ୍ଦ୍ର ଶାସିତ ଅଞ୍ଚଳର ସ୍ଥାନୀୟ ଲୋକମାନେ ଏହି ପ୍ରସ୍ତାବିତ ବିଲ ଯୋଗୁ ସେମାନଙ୍କ ଭବିଷ୍ୟତ ସଂପର୍କରେ ଆତଙ୍କିତ ଅବସ୍ଥାରେ ଅଛନ୍ତି । ଚିଠା ଆକାରରେ ଉପସ୍ଥାପିତ ହୋଇଥିବା ଲାକ୍ଷାଦ୍ୱୀପ ଆନିମଲ ପ୍ରିଜରଭେସନ୍ ରେଗୁଲେସନ୍-୨୦୨୧ ଅନୁଯାୟୀ ଏହି ଦ୍ୱୀପପୁଞ୍ଜରେ ଗୋମାଂସ ନିଷିଦ୍ଧ ହେବ । ଏହି କେନ୍ଦ୍ର ଶାସିତ ଅଞ୍ଚଳରେ ଅପରାଧର ହାର ଦେଶରେ ସବୁଠାରୁ କମ୍‌ଥିଲେ ମଧ୍ୟ ୟୁଏପିଏ ଓ ଅନ୍ୟାନ୍ୟ କଳାଆଇନର ଧାରାରେ ରଚିତ ପ୍ରସ୍ତାବିତ ପ୍ରିଭେନ୍‌ସନ୍ ଅଫ୍ ଆଣ୍ଟିସୋସିଆଲ ଆକ୍ଟିଭିଟି ରେଗୁଲେସନ-୨୦୨୧ ଯେକୌଣସି ବ୍ୟକ୍ତିଙ୍କୁ ଏକବର୍ଷ ପର୍ଯ୍ୟନ୍ତ ଜେଲରେ ଅଟକାଇ ରଖିବାର କ୍ଷମତା ପ୍ରଶାସକଙ୍କ ହାତରେ ନ୍ୟସ୍ତ କରିବ । ଗୁଜୁରାଟରେ ଢୋଲେରା ସ୍ମାଟସିଟି ଓ ଷ୍ଟାଚ୍ୟୁ ଅଫ୍ ଲିବର୍ଟି ପ୍ରତିଷ୍ଠା କରିବା ଉଦ୍ଦେଶ୍ୟରେ ଜବରଦସ୍ତି ଲୋକଙ୍କଠାରୁ ଜମି ଛଡେଇ ନେବାପାଇଁ ପ୍ରଣୀତ ଆଇନ୍‌ର ଢାଞ୍ଚାରେ ପ୍ରସ୍ତୁତ କରାଯାଇଥିବା ଚିଠା ଲାକ୍ଷାଦ୍ୱୀପ ଡେଭଲପମେଣ୍ଟ ଅଥରିଟି ରେଗୁଲେସନ-୨୦୨୧ ପ୍ରଶାସକଙ୍କ ହାତରେ ଯୋଜନା(Planning) ସଂକ୍ରାନ୍ତୀୟ ସମସ୍ତ କ୍ଷମତା କେନ୍ଦ୍ରୀଭୂତ କରିଛି ଏବଂ ଜମିର ମାଲିକ ଯେକେହି ହୋଇଥିଲେ ମଧ୍ୟ ଏହି ଦ୍ୱୀପର ଯେକୌଣସି ଜମି 'ବିକାଶ' ଉଦ୍ଦେଶ୍ୟରେ ବ୍ୟବହାର କରିବା ଆଳରେ ପ୍ରଶାସକ ଅକ୍ତିଆର କରିପାରିବ ।

୨୦୨୦ମସିହା ଡିସେମ୍ବର ୨ତାରିଖରେ ଏହି କେନ୍ଦ୍ରଶାସିତ ଅଞ୍ଚଳର ପ୍ରଶାସକ ନିଯୁକ୍ତ ହେବାପରେ ଏହି ବିଜେପି ଅନୁରକ୍ତ ପ୍ରଶାସକ ଜଣକ କେତେଗୁଡିଏ ଅସାଧାରଣ ନିର୍ଦ୍ଦେଶନାମା ଜାରୀ କରିଛନ୍ତି । ସେଗୁଡିକ ହେଉଛି - ଦୁଇରୁ ଅଧିକ ସନ୍ତାନଥିବା କୌଣସି ବ୍ୟକ୍ତି ପଞ୍ଚାୟତ ନିର୍ବାଚନରେ ଅଂଶଗ୍ରହଣ କରିପାରିବେ ନାହିଁ, ସ୍କୁଲ ମଧ୍ୟାହ୍ନଭୋଜନ ତାଲିକାରୁ ଆମିଶ ଖାଦ୍ୟ ବାଦ ଦିଆଯିବ, ଶହ ଶହ ଠିକା କର୍ମଚାରୀଙ୍କୁ କାମରୁ ବହିଷ୍କାର କରିଦିଆଯିବ, ପାରମ୍ପରିକ ମତ୍ସଜୀବୀମାନଙ୍କ ବ୍ୟବସାୟ କେନ୍ଦ୍ର ଗୁଡିକୁ ଭାଙ୍ଗି ଦିଆଯିବ, ଏନ୍‌ଆରସି-ସିଏଏ ବିରୋଧି ଆନ୍ଦୋଳନରେ ଅଂଶଗ୍ରହଣକାରୀମାନଙ୍କୁ ବିଚାରଶୂନ୍ୟ ଭାବରେ ଗିରଫ କରିବା, ଏପର୍ଯ୍ୟନ୍ତ ବଳବତ୍ତର ରହିଥିବା ଏହି ଦ୍ୱୀପକୁ ଆସୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କପାଇଁ ବାଧ୍ୟତାମୂଳକ ଏକାନ୍ତବାସ ବ୍ୟବସ୍ଥା-ଯାହା ଏହି କେନ୍ଦ୍ର ଶାସିତ ଅଞ୍ଚଳକୁ ମୋଟାମୋଟି ଭାବରେ କରୋନା ମୁକ୍ତ ରହିଥିଲା-ପ୍ରତ୍ୟାହାର କରିବା ଇତ୍ୟାଦି । ସେ ଏହା ପୂର୍ବରୁ କେନ୍ଦ୍ର ଶାସିତ ଅଞ୍ଚଳ 'ଡିୟୁ'ର ପ୍ରଶାସକଥିଲାବେଳେ ମଧ ଏହି ଧରଣର ବହୁ ସୈରାଚାରୀ ପଦକ୍ଷେପ ଗ୍ରହଣ କରିଥିଲେ । ଏହି କେନ୍ଦ୍ରଶାସିତ ଅଂଚଳର ସଂଖ୍ୟାଗରିଷ୍ଠ ଲୋକ ମୁସଲମାନ ଧର୍ମାବଲମ୍ବୀ ହୋଇଥିବାରୁ ଏହି ପଦକ୍ଷେପ ଗୁଡିକ କେବଳ ସୈରାଚାରୀ ନୁହେଁ ଏଗୁଡିକ ମଧରେ ସୂକ୍ଷ୍ମଭାବରେ ସାଂପ୍ରଦାୟିତାର ଆଭାସ ରହିଛି । ଏହି ଜନବିରୋଧି ପଦକ୍ଷେପ ଗୁଡିକ ସୁସ୍ପଷ୍ଟ ଭାବରେ ସାମାଜିକ ସଂପ୍ରିତି ଏବଂ ପରିବେଶର ସନ୍ତୁଳନକୁ ଜଳାଞ୍ଜଳୀ ଦେଇ ସେଠାରେ ପର୍ଯ୍ୟଟନ ବ୍ୟବସାୟରେ ପୁଞ୍ଜି ଖଟାଇବାକୁ ଉଦ୍ୟମ କରୁଥିବା କର୍ପୋରେଟ୍ ମାନଙ୍କର ବ୍ୟବସାୟିକ ସ୍ୱାର୍ଥ ରକ୍ଷାକରିବା ଉଦ୍ଦେଶ୍ୟରେ ଗ୍ରହଣ କରାଯାଇଛି ।

ଆମେ ଦାବି କରୁଛୁ-ଲକ୍ଷାଦ୍ୱୀପର ପ୍ରଶାସକ ପ୍ରଫୁଲ୍ଲ ଖେଡା ପଟେଲଙ୍କୁ ତୁରନ୍ତ କେନ୍ଦ୍ର ସରକାର ଫେରାଇ ଆଣନ୍ତୁ । କର୍ପୋରେଟମାନଙ୍କ ସ୍ୱାର୍ଥ ରକ୍ଷାପାଇଁ ଗ୍ରହଣ କରାଯାଇଥିବା ସଂସ୍କାର ଗୁଡିକୁ ତୁରନ୍ତ ପ୍ରତ୍ୟାହାର କରାଯାଉ । ସ୍ଥାନୀୟ ଲୋକମାନଙ୍କ ଇଚ୍ଛାକୁ ସମ୍ମାନ ଦିଆଯାଉ ଏବଂ ଜୀବିକା ଅର୍ଜନପାଇଁ ସେମାନଙ୍କୁ ମାଛ ଧରିବା ଓ ସେହିଭଳି ଅନ୍ୟାନ୍ୟ କାର୍ଯ୍ୟ କରିବାର ସୁଯୋଗ ଦିଆଯାଉ ।

## ଏଆଇୟୁଟିୟୁସି ସାରାଓଡିଶା ଦାବି ଦିବସ



କରୋନାର ଦ୍ୱିତୀୟ ଲହର ଫଳରେ ସମଗ୍ର ରାଜ୍ୟର ଜନଜୀବନ ପୁନର୍ବାର ଦୁର୍ବିସହ ପରିସ୍ଥିତିର ସମ୍ମୁଖୀନ ହୋଇଛି । ଉପଯୁକ୍ତ ଚିକିତ୍ସା ଏପରିକି ଅକ୍ସିଜେନ ଅଭାବରୁ ହଜାର ହଜାର ଲୋକ ମୃତ୍ୟୁବରଣ କରିଛନ୍ତି । ଲଗାତର ଲକ୍‌ଡାଉନ ଫଳରେ ସାଧାରଣ ଖଟିଖିଆ ଲୋକଙ୍କ ଅବସ୍ଥା ଦୁର୍ବିସହ ହୋଇପଡିଛି । ଅତ୍ୟାବଶ୍ୟକ ସାମଗ୍ରୀ, ଖାଇବାତେଲ ଓ ପେଟ୍ରୋଲ ଡିଜେଲର ଦରବୃଦ୍ଧି ସାଧାରଣ ଲୋକଙ୍କୁ ଦୁର୍ବିସହ ପରିସ୍ଥିତିରେ ପକାଇଛି । ଏହି ପରିସ୍ଥିତିରେ ସାଧାରଣ ଲୋକଙ୍କୁ ବଞ୍ଚାଇବାପାଇଁ କେନ୍ଦ୍ରୀୟ ଟ୍ରେଡ ୟୁନିୟନ ଏଆଇୟୁଟିୟୁସି ପକ୍ଷରୁ ସାରାଓଡିଶା ଦାବି ଦିବସ ପାଳିତ ହୋଇଛି । ଆୟକର ଦେଉନଥିବା ପରିବାର ଓ ଅସଂଗଠିତ କ୍ଷେତ୍ରର ଶ୍ରମିକମାନଙ୍କୁ ମାସକୁ ୭୫୦୦ଟଙ୍କା କରୋନା ସହାୟତା ପ୍ରଦାନ, ମୁଣ୍ଡପିଛା ମାସକୁ ୧୦କିଲୋ ଖାଦ୍ୟଶସ୍ୟ ପ୍ରଦାନ, ସହରାଞ୍ଚଳ ଓ ଗ୍ରାମଞ୍ଚଳର ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସୁଦୃଢ କରିବା, ଡାକ୍ତର, ନର୍ସ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ କର୍ମଚାରୀ ନିଯୁକ୍ତ କରିବା, ସମସ୍ତଙ୍କୁ ଦେୟମୁକ୍ତ ଟୀକା ଦାନର ବ୍ୟବସ୍ଥା କରିବା, ପେଟ୍ରୋଲ-ଡିଜେଲ-ରନ୍ଧନଗ୍ୟାସର ଦର ହ୍ରାସକରିବା, ପ୍ରବାସୀ ଓ ଅଂସଗଠିତ କ୍ଷେତ୍ରର ଶ୍ରମିକମାନଙ୍କପାଇଁ କର୍ମସଂସ୍ଥାନ ଯୋଗାଇବା, ପୁଞ୍ଜିପତି ଓ କର୍ପୋରଟ୍ ମାନଙ୍କ ପାଖରୁ ସ୍ୱତନ୍ତ୍ର କର ଆଦାୟ କରିବା ଦାବିରେ ଏହି ଦାବି ଦିବସ ପାଳ କରାଯାଇଛି ।

Regd.No-ORI ORI/2011/37220 VOL.NO.05, ISSUE NO.06●ELECTRONIC VERSION

# କମ୍ରେଡ୍ ଅଚିନ୍ତ୍ୟ ସିଂହ ଆଉ ନାହାନ୍ତି



ପଶ୍ଚିମ ବଙ୍ଗ ରାଜ୍ୟ ପାର୍ଟିର ବରିଷ୍ଠ ସଂପାଦକ ମଣ୍ଡଳୀ ସଦସ୍ୟ କମ୍ରେଡ୍ ଅଚିନ୍ତ୍ୟ ସିଂହ ଏପ୍ରିଲ ୧୬ତାରିଖରେ ୭୬ବର୍ଷ ବୟସରେ କଲିକତା ହାଟ୍ କ୍ଲିନିକ୍ ଓ ହାସପାତାଳରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି । ଡାକ୍ତର ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟକର୍ମୀମାନଙ୍କର ସମସ୍ତ ଉଦ୍ୟମ ସତ୍ତ୍ୱେ ତାଙ୍କର ଜୀବନ ରକ୍ଷା କରାଯାଇ ପାରିଲାନାହିଁ । ବହୁ ଗଣଆନ୍ଦୋଳନରୁ ଆହରିତ ବ୍ୟାପକ ଅଭିଜ୍ଞତା ଏବଂ ସର୍ବହରାର ମହାନ ନେତା କମ୍ରେଡ୍ ଶିବଦାସ ଘୋଷଙ୍କ ଚିନ୍ତା ଓ ଶିକ୍ଷା ଦ୍ୱାରା ଉଦ୍‌ବୁଦ୍ଧ ଆମୃତ୍ୟୁ ବିପ୍ଳବୀ କମ୍ରେଡ୍ ଅଚିନ୍ତ୍ୟ ସିଂହ ଏକ ଅଦ୍ୱିତୀୟ ଚିରତ୍ରର ଅଧିକାରୀଥିଲେ । ଯାହାକି ତାଙ୍କୁ ପାର୍ଟିର ନେତା, କର୍ମୀମାନଙ୍କ ସମେତ ସାଧାରଣ ଲୋକଙ୍କ ନିକଟରେ ଅତ୍ୟନ୍ତ ପ୍ରିୟଭାଜନ କରିଥିଲା । ପାର୍ଟି ସାଧାରଣ ସଂପାଦକ କମ୍ରେଡ୍ ପ୍ରଭାସ ଘୋଷ ଓ ପଲିଟିବ୍ୟୁରୋ ସଦସ୍ୟ କମ୍ରେଡ୍ ଅସିତ୍ ଭଟ୍ଟାଚାର୍ଯ୍ୟଙ୍କ ପକ୍ଷରୁ କମ୍ରେଡ୍ ଅଚିନ୍ତ୍ୟ ସିଂହଙ୍କ ମରଶରୀରରେ ମାଲ୍ୟାର୍ପଣ କରାଯାଇଥିଲା । ଏଆଇୟୁଟିୟୁସିର ସର୍ବଭାରତୀୟ ସଭାପତି ତଥା ପାର୍ଟି ପଲିଟିବ୍ୟୁରୋ ସଦସ୍ୟ କମ୍ରେଡ୍ ଶଙ୍କର ଶାହା ଓ ସଂଗଠନର ସାଧାରଣ ସଂପାଦକ କମ୍ରେଡ୍ ଶଙ୍କର ଦାସଗୁପ୍ତା ମଧ୍ୟ ମାଲ୍ୟାର୍ପଣ କରିଥିଲେ । ଏମାନଙ୍କ ବ୍ୟତୀତ ପଲିଟିବ୍ୟୁରୋ ସଦସ୍ୟ କମ୍ରେଡ୍ ସୌମେନ୍ ବସୁ, କେନ୍ଦ୍ରୀୟ କମିଟି ସଦସ୍ୟ ତଥା ପଶ୍ଚିମବଙ୍ଗ ରାଜ୍ୟ ସଂପାଦକ କମ୍ରେଡ ଚଣ୍ଡୀଦାସ ଭଟ୍ଟାଚାର୍ଯ୍ୟ ଏବଂ ଏଆଇୟୁଟିୟୁସି ପଶ୍ଚିମବଙ୍ଗ ରାଜ୍ୟ ସଂପାଦକ କମ୍ରେଡ୍ ଅଶୋକ ଦାସ ମଧ୍ୟ ମାଲ୍ୟାର୍ପଣ କରିଥିଲେ ।

ମୁର୍ସିଦାବାଦ ଜିଲ୍ଲାର ରଘୁନାଥଗଂଜଠାରେ ନିଜ ଛାତ୍ର ଜୀବନ ବିତାଇଥିଲେ ମଧ କମ୍ରେଡ୍ ଅଚିନ୍ତ୍ୟ ସିଂହ ବୀରଭୂମ ଜିଲ୍ଲାର କନକପୁରଠାରେ ଜନ୍ମଗ୍ରହଣ କରିଥିଲେ । କମ୍ରେଡ୍ ଅଚିନ୍ତ୍ୟ ସିଂହ ଅତ୍ୟନ୍ତ ମେଧାବୀ ଛାତ୍ରଥିଲେ ଏବଂ ଜଙ୍ଗୀପୁର କଲେଜରୁ ମୁର୍ସିଦାବାଦ ଜିଲ୍ଲାର ବରହମ୍‌ପୁରସ୍ଥ କ୍ରିଷ୍ଣନାଥ କଲେଜରେ ପଢିବାପାଇଁ ଆସିଥିଲେ । ତାଙ୍କର ତୀକ୍ଷ୍ଣ ବୁଦ୍ଧି ଓ ଯୁକ୍ତିଶୀଳତା ଉଭୟ ଶିକ୍ଷକ ଓ ଛାତ୍ରମାନଙ୍କର ଦୃଷ୍ଟି ଆକର୍ଷଣ କରିଥିଲା । ଜଙ୍ଗୀପୁରଠାରେ ଅଧ୍ୟୟନ କରୁଥିଲାବେଳେ ସେ କମ୍ରେଡ୍ ଶିବପୂଜନ ସୋନାରଙ୍କ ଜରିଆରେ ପାର୍ଟି ସଂସ୍ପର୍ଶରେ ଆସିଥିଲେ । କମ୍ରେଡ୍ ଶିବଦାସ ଘୋଷଙ୍କ ଚିନ୍ତା ଶିକ୍ଷାରେ ଉଦ୍‌ବୁଦ୍ଧ ହୋଇ ଛାତ୍ରାବସ୍ଥାରେ ହିଁ ଯୁବକ ଅଚିନ୍ତ୍ୟ ସିଂହ ନିଜର ସମଗ୍ର ଜୀବନ ବିପ୍ଳବପାଇଁ ଉତ୍ସର୍ଗ କରିବାପାଇଁ ନିଷ୍ପତ୍ତି କରିଥିଲେ ଏବଂ ସେହିଦିନଠାରୁହିଁ ପାର୍ଟି ସଂଗଠନର ବିସ୍ତାର କାର୍ଯ୍ୟରେ ନିଜକୁ ସଂପୂର୍ଣ୍ଣ ଉତ୍ସର୍ଗ କରିଦେଇଥିଲେ ।

କ୍ରିଷ୍ଣନାଥ କଲେଜରୁ ଉତ୍ତିର୍ଣ୍ଣ ହେବାପରେ ସେ ଗୋଟିଏ ପରେ ଗୋଟିଏ ଶ୍ରମିକ ଓ ଚାଷୀମାନଙ୍କର ଆନ୍ଦୋଳନରେ ନିଜକୁ ସାମିଲ କରିଥିଲେ । ସେହି ସମୟରେ କଣ୍ଟ୍ରାକ୍ଟରମାନଙ୍କ ଦମନ ବିରୁଦ୍ଧରେ ଫାରାକ୍କା ବ୍ୟାରେଜର ଶାଖା କେନାଲରେ ନିୟୋଜିତ ନିର୍ମାଣ ଶ୍ରମିକମାନଙ୍କର ଏକ ଆନ୍ଦୋଳନ ମୁଣ୍ଡଟେକି ଉଠିଲା ଏବଂ କମ୍ରେଡ ଅଚିନ୍ତ୍ୟ ସିଂହ ମନପ୍ରାଣ ଦେଇ ସେହି ଆନ୍ଦୋଳନରେ ଲମ୍ଫପ୍ରଦାନ କରିଥିଲେ ଏବଂ ଏହି ଆନ୍ଦୋଳନରେ ନେତୃତ୍ୱକାରୀ ଭୂମିକା ପାଳନ କରିଥିଲେ ।

ପରବର୍ତ୍ତି ସମୟରେ ମୁର୍ସିଦାବାଦ ଜିଲ୍ଲାରେ ଗ୍ରାମୀଣ ବଡଚାଷୀମାନଙ୍କ ଅତ୍ୟାଚାରରୁ ଭାଗଚାଷୀ ଓ ଛୋଟ ଚାଷୀମାନଙ୍କୁ ରକ୍ଷା କରିବାପାଇଁ ଗଢିଉଠୁଥିବା ଆନ୍ଦୋଳନରେ ସେ ଅତ୍ୟନ୍ତ ସାହାସୀ ନେତୃତ୍ୱ ଦେଇଥିଲେ । ତାଙ୍କ ନେତୃତ୍ୱରେ ଗୋଟିଏ ପରେ ଗୋଟିଏ ଚାଷୀ ଆନ୍ଦୋଳନର ଢେଉ ସୃଷ୍ଟି ହୋଇଥିଲା । ବଂଶୋବତୀ ଓ ଧନପତ ନଗର ଅଂଚଳରେ ଦୁଇଜଣ କୃଷକ ଆନ୍ଦୋଳନରେ ଶହୀଦ ହେବାପରେ ଶେଷ ପର୍ଯ୍ୟନ୍ତ ଦୀର୍ଘସ୍ଥାୟୀ ଓ ଶକ୍ତିଶାଳୀ ଆନ୍ଦୋଳନର ଚାପ ସମ୍ମୁଖରେ ଜମିଦାରମାନେ ନତମସ୍ତକ ହେବାପାଇଁ ବାଧ୍ୟ ହୋଇଥିଲେ । ଏହାବ୍ୟତୀତ କମ୍ରେଡ୍ ଅଚିନ୍ତ୍ୟ ସିଂହ ମୁର୍ସିଦାବାଦ ତଥା ସମଗ୍ର ରାଜ୍ୟରେ ରକ୍ତସ୍ନାତ ବସଭଡା ବୃଦ୍ଧି ବିରୋଧି ପ୍ରତିରୋଧ ଆନ୍ଦୋଳନ ସମେତ ଅସଂଖ୍ୟ ଗଣଆନ୍ଦୋଳନ ଓ ଶ୍ରେଣୀ ସଂଗ୍ରାମରେ ଆଗ ଧାଡିରେ ରହିଥିଲେ । ବାବ୍ରୀ ମସଜିଦ ଭଙ୍ଗା ଘଟଣା ଘଟିଥିବାବେଳେ ସାଂପ୍ରଦାୟିକ ସଦ୍‌ଭାବ ରକ୍ଷାକରିବା କ୍ଷେତ୍ରରେ ତାଙ୍କର ଭୂମିକା ସମାନ ଭାବରେ ପ୍ରଶଂସନୀୟ ଥିଲା । ସଂଗ୍ରାମୀ ସରକାରୀ କର୍ମଚାରୀମାନଙ୍କ ସଂଗଠନ ଜେପିଏର ମଧ୍ୟ କମ୍ରେଡ୍ ସିଂହ ସଭାପତି ଥିଲେ । ତାଙ୍କ ଜିଲ୍ଲାରେ କବି ଓ ସାହିତ୍ୟିକମାନଙ୍କୁ ସାମିଲକରି କମ୍ରେଡ୍ ଅଚିନ୍ତ୍ୟ ସିଂହ 'ଝଡ' ନାମକ ଏକ ସାଂସ୍କୃତିକ ସଂଗଠନ ପ୍ରତିଷ୍ଠା କରିଥିଲେ ଏବଂ ୧୯୬୭ ମସିହାରେ ସେହି ନାମରେ ପତ୍ରିକା ପ୍ରକାଶ କରିଥିଲେ । ସେତେବେଳେ ୧୦ ପଇସା ଦାମର ଏହି ପତ୍ରିକାର ପ୍ରଥମ ସଂଖ୍ୟାକୁ ଏସ୍‌ୟୁସିଆଇ(ସି)ର ପ୍ରଥମ କେନ୍ଦ୍ରୀୟ କମିଟିର ସଦସ୍ୟ ତଥା ଯୁକ୍ତ ଫ୍ରଣ୍ଟ ସରକାରର ଶ୍ରମମନ୍ତ୍ରୀ କମ୍ରେଡ୍ ସୁବୋଧ ବାନାର୍ଜୀ ଉନ୍ମୋଚନ କରିଥିଲେ । କେବଳ ଦୁଇଟି ସଂଖ୍ୟାକୁ ବାଦଦେଲେ କମ୍ରେଡ୍ ଅଚିନ୍ତ୍ୟ ସିଂହ ମୃତ୍ୟୁ ପର୍ଯ୍ୟନ୍ତ ଏହି ପତ୍ରିକାର ସଂପାଦକ ଥିଲେ । ଆରମ୍ଭରୁହିଁ ଏହି ପତ୍ରିକା କାୟେମୀ ସ୍ୱାର୍ଥ ବିରୁଦ୍ଧରେ ସାଧାରଣ ଲୋକଙ୍କ ସ୍ୱାର୍ଥରକ୍ଷାପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ପାଳନ କରିଥିଲା । କମ୍ରେଡ୍ ଅଚିନ୍ତ୍ୟ ସିଂହଙ୍କର ଅନନ୍ୟ ଲିଖନ ଶୈଳୀ ମଧ ଉଲ୍ଲେଖଯୋଗ୍ୟ । ସେ ଜଣେ ସୁବକ୍ତାଥିଲେ ଏବଂ ବଙ୍ଗଳା, ହିନ୍ଦି ଓ ଇଂରାଜୀ ଭାଷାରେ ସେ ଖୁବ୍ ସାବଲୀଳ ଭାବରେ ବକ୍ତୃତା ଦେଇପାରୁଥିଲେ । ଶୋଷିତ ଜନସାଧାରଣଙ୍କର ମୁକ୍ତି ସଂଗ୍ରାମରେ ଉତ୍ସର୍ଗୀକୃତ ଥାଇ ସେ ନିଜର ଖୁସୀ, ଆରାମ-ଅୟସ ଓ ଭଲମନ୍ଦ ସଂପର୍କରେ ସଂପୂର୍ଣ୍ଣ ଉଦାସୀନ ଥିଲେ । ତାଙ୍କୁ କେହି କେବେ କୌଣସି ଅଭିଯୋଗ କରୁଥିବାର ବା ଅସନ୍ତୋଷ ବ୍ୟକ୍ତ କରୁଥିବାର ଦେଖିନାହିଁ । ଯୁବାବସ୍ଥାରେ ଶ୍ରମିକ ଆନ୍ଦୋଳନର ନେତୃତ୍ୱ ନେଉଥିଲାବେଳେ ଗୋଟିଏ କମ୍ପାନୀର ମାଲିକ ତାଙ୍କୁ ଲୋଭନୀୟ ଚାକିରିର ପ୍ରଲୋଭନ ଦେଇ ପ୍ରଲୁବ୍ଧ କରିବାକୁ ଚେଷ୍ଟା କରିଥିଲା । କମ୍ରେଡ୍ ସିଂହ ଏହିଧରଣର ସମସ୍ତ ପ୍ରଲୋଭନକୁ ସହଜରେ ଏଡାଇ ଯାଇଥିଲେ ଏବଂ ସାରାଜୀବନ ସେ ଶ୍ରମିକ, କୃଷକ ଓ ପାର୍ଟି କମ୍ରେଡ୍‌ମାନଙ୍କ ସହିତ ଅତ୍ୟନ୍ତ ଆନନ୍ଦରେ ସରଳ ଜୀବନଯାପନ କରିଥିଲେ । ଗୋଟିଏ ସମୟରେ ତାଙ୍କର ପରିବାର ଭୋକରେ ରହୁଥିଲେ ମଧ ସେ ତାଙ୍କର ସାଂଗଠନିକ ଦାୟିତ୍ୱ ଅସ୍ୱୀକାର କରି ପରିବାର ପ୍ରତିପୋଷଣ ପାଇଁ କୌଣସି ଚାକିରି ଗ୍ରହଣ କରିନଥିଲେ । ଥରେ ଗୋଟିଏ କମ୍ପାନୀର ମ୍ୟାନେଜମେଣ୍ଟ ତାଙ୍କୁ ହତ୍ୟା କରିବାପାଇଁ ପେଷାଦାର ହତ୍ୟାକାରୀ ନିୟୋଜିତ କରିଥିଲା । ମାତ୍ର ସେହି ହତ୍ୟାକାରୀ କମ୍ରେଡ ସିଂହଙ୍କ ଚରିତ୍ର ଓ କାର୍ଯ୍ୟକଳାକୁ ଲକ୍ଷ୍ୟକରି ତାଙ୍କ ପାଖକୁ ଅସିଥିଲା, ସମସ୍ତ ବିଷୟ ସ୍ୱୀକାର କରିଥିଲା, ପଶ୍ଚାତାପ କରିଥିଲା ଓ ସାରାଜୀବନ ତାଙ୍କର ଅଙ୍ଗରକ୍ଷୀ ହୋଇ ରହିବାପାଇଁ ଇଚ୍ଛାପ୍ରକାଶ କରିଥିଲା । ସେ ପ୍ରାୟ ସଂପୂର୍ଣ୍ଣ ଭାବରେ ଦୃଷ୍ଟିହୀନ ହୋଇଯାଇଥିଲେ ମଧ ଏହି ଦୈହିକ ସୀମାବଦ୍ଧତା କେବେହେଲେ ତାଙ୍କର ସାଂଗଠନିକ ଦାୟିତ୍ୱ ପାଳନ କରିବା କ୍ଷେତ୍ରରେ ବାଧା ସୃଷ୍ଟି କରିନଥିଲା ।

ତାଙ୍କର ମୃତ୍ୟୁରେ ପାର୍ଟି ଜଣେ ଆମୃତ୍ୟୁ ବିପ୍ଳବୀଙ୍କୁ, ଜଣେ ଦକ୍ଷ ସଂଗଠକ ଓ ଜଣେ ସଂଗ୍ରାମୀ ନେତାଙ୍କୁ ହରାଇଲା ଏବଂ ଦେଶର ମେହେନତୀ ଜନସାଧାରଣ ତାଙ୍କ ଆନ୍ଦୋଳନରେ ଜଣେ ବିଶିଷ୍ଟ ମାର୍ଗଦର୍ଶକଙ୍କୁ ହରାଇଲେ ।

**କମ୍ରେଡ୍ ଅଚିନ୍ତ୍ୟ ସିଂହ ଲାଲ ସଲାମ ।**


## ବିଦ୍ୟାଳୟ ସୁରକ୍ଷା କମିଟି ଉଦ୍ୟମରେ ରାଜ୍ୟସ୍ତରୀୟ କନ୍‌ଭେନ୍‌ସନ୍

କମ୍ ପିଲା ହେଉଥିବା ଆଳ ଦେଖାଇ ରାଜ୍ୟ ବିଜେଡି ସରକାର ରାଜ୍ୟର ହଜାର ହଜାର ସ୍କୁଲ ବନ୍ଦ କରିବାପାଇଁ ନିଷ୍ପତ୍ତି କରିଛନ୍ତି । ଏହି ଧରଣର ଚୂଡାନ୍ତ ଜନବିରୋଧି ନିଷ୍ପତ୍ତି ବିରୁଦ୍ଧରେ 'ବିଦ୍ୟାଳୟ ସୁରକ୍ଷା କମିଟି' ନେତୃତ୍ୱରେ ଦୀର୍ଘଦିନ ଧରି ଆନ୍ଦୋଳନ ଚାଲିଛି । ସଂପ୍ରତି ମାନ୍ୟବର ଓଡିଶା ହାଇକୋର୍ଟ ରାଜ୍ୟ ସରକାରଙ୍କର ଏହି ନିଷ୍ପତ୍ତିକୁ ବେଆଇନ ଘୋଷଣା କରିବାପରେ ତୁରନ୍ତ ହାଇକୋର୍ଟର ଏହି ରାୟକୁ କାର୍ଯ୍ୟକାରୀ କରିବା ଏବଂ ଏହି ସମସ୍ତ ସ୍କୁଲରେ ତୁରନ୍ତ ନାମଲେଖା ଆରମ୍ଭ କରିବା ଦାବିରେ କମିଟି ଉଦ୍ୟୋଗରେ ଏକ ରାଜ୍ୟସ୍ତରୀୟ କନଭେନ୍‌ସନ୍ ଅନୁଷ୍ଠିତ ହୋଇଥିଲା । ସମଗ୍ର ରାଜ୍ୟରୁ ୩୦୦ରୁ ଅଧିକ ଶିକ୍ଷାବିତ ଅଧ୍ୟାପକ, ଶିକ୍ଷକ, ଅଭିଭାବକ, ଛାତ୍ର ତଥା ଶିକ୍ଷାପ୍ରେମୀ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ । ଛାତ୍ରନେତା ଗଣେଷ ତ୍ରିପାଠୀ




ଓ ସୁବାସ ନାୟକଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କନ୍‌ଭେନ୍‌ସନ୍‌ରେ ଉତ୍କଳ ବିଶ୍ୱବିଦ୍ୟାଳୟର ଅବସର ପ୍ରାପ୍ତ ପ୍ରଫେସର ଡକ୍ଟର ବିରେନ୍ଦ୍ର ନାୟକ ଓ ଓଡିଶା ହଇକୋର୍ଟର ଆଇନଜୀବୀ ସୁକାନ୍ତ ନାୟକ ପ୍ରମୁଖ ବ୍ୟକ୍ତବ୍ୟ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ କଟକରୁ ଶ୍ରୀଯୁକ୍ତ ପ୍ରଶାନ୍ତ ଦାସ, ଯାଜପୁରରୁ ଶ୍ରୀଯୁକ୍ତ ନିତ୍ୟାନନ୍ଦ ନାୟକ, ବିନୟ ପୃଷ୍ଟି, ରାଇରଙ୍ଗପୁରରୁ ଶ୍ରୀଯୁକ୍ତ ସୁକୁର ନାଏକ, ବରଗଡରୁ ଶ୍ରୀଯୁକ୍ତ ମୀନକେତନ ମେହେର, ଗଞ୍ଜାମରୁ ଶ୍ରୀମତୀ ରାଜେଶ୍ୱରୀ ପ୍ରଧାନ, ଭୁବନେଶ୍ୱରରୁ ଶ୍ରୀମତୀ ମାନସୀ ସାମଲ, କନ୍ଧମାଳରୁ ଶ୍ରୀମତୀ ରଞ୍ଜିତା ଦିଗଲ, ବାଲେଶ୍ୱରରୁ ଶ୍ରୀମତୀ ଅହଲ୍ୟା ସାମଲ, ସୁନ୍ଦରଗଡରୁ ଶ୍ରୀଯୁକ୍ତ ସନ୍ତୋଷ ନାୟକ ପ୍ରମୁଖ କନ୍‌ଭେନ୍‌ସନ୍‌ରେ ବକ୍ତବ୍ୟ ରଖି ହାଇକୋର୍ଟ ରାୟକୁ କାର୍ଯ୍ୟକାରୀ କରିବାପାଇଁ ଦାବି କରାଥିଲେ ।

## ଦିଲ୍ଲୀ ସୀମାରେ ଚାଲିଥିବା ଐତିହାସିକ କୃଷକ ଆନ୍ଦୋଳନର ସମର୍ଥନରେ ଜାତୀୟ କନ୍‌ଭେନ୍‌ସନ୍




ଅଲଇଣ୍ଡିଆ କିଷାନ କ୍ଷେତମଜଦୁର ସୀମାନ୍ତରେ ଚାଲିଥିବା ଲଗାତର ୬ମାସବ୍ୟାପୀ ଐତିହାସିକ କୃଷକ ଆନ୍ଦୋଳନର ସମର୍ଥନରେ ଏକ ଜାତୀୟ କନ୍‌ଭେନ୍‌ସନ୍ ଅନୁଷ୍ଠିତ ହୋଇଥିଲା । ୮ ସଂଗଠନର ସାଧାରଣ ସଂପାଦକ କମ୍ରେଡ୍ ଶଙ୍କର ଘୋଷଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କନ୍‌ଭେନ୍‌ସନ୍‌ରେ ପ୍ରଫେସର ରାଜେନ୍ଦ୍ର ଚୌଧୁରୀ ଏବଂ ସଂଗଠନର ସର୍ବଭାରତୀୟ ସଭାପତି କମ୍ରେଡ୍ ସତ୍ୟବାନ ବକ୍ତବ୍ୟ ରଖିଥିଲେ । କନ୍‌ଭେନ୍‌ସନ୍‌ର ପ୍ରାରମ୍ଭରେ ସଂଗଠନର ସର୍ବଭାରତୀୟ ସଂପାଦକ ମଣ୍ଡଳୀ ସଦସ୍ୟ କମ୍ରେଡ୍ ଶଶୀଧର ମୂଳ ଚିଠା ପ୍ରସ୍ତାବ ଆଗତ କରିଥିଲେ । ଏହି କନ୍‌ଭେନ୍‌ସନ୍‌ରେ କେନ୍ଦ୍ର ସରକାର ଲାଗୁ କରିଥିବା ତିନୋଟି କଳା କୃଷି ଆଇନ ଏବଂ ପ୍ରସ୍ତାବିତ ବିଦ୍ୟୁତ୍ ଆଇନ-୨୦୨୦କୁ ତୁରନ୍ତ ପ୍ରତ୍ୟାହାର କରାଯାଇଥିଲା ଏବଂ ଦିଲ୍ଲୀଠାରେ ଚାଲିଥିବା ଐତିହାସିକ କୃଷକ ଆନ୍ଦୋଳନ ପ୍ରତି ଦୃଢ ସଂହତି ଜ୍ଞାପନ କରାଯାଇଥିଲା ।

Printed,Published and owned by Sri Bishnu Das, Printed at Serene Graphics,337-Jagannath Vihar, Lane-12,Baramunda, BBSR-3 and Published at plot No. 61/2082, Gangotrinagar, Bhubaneswar-2. District Khurda, Orissa E-mail: sarbaharakranti@yahoo.co.in
Editor : Bishnu Das